# ସହରର ଅଳିଆ ଉଠାଉନି ଏସ୍‌ଏମ୍‌ସି




ସମ୍ବଲପୁର, ୭।୨(ସମିସ)

ବହୁ ପ୍ରତୀକ୍ଷିତ ସମଲେଇ ପ୍ରକଳ୍ପ ଓଡ଼ିଶା ସରକାରଙ୍କ ସହାୟତାରେ ଲୋକାର୍ପଣ ହୋଇସାରିଛି। ଲୋକାର୍ପଣ ପାଇଁ ସହରକୁ ସଜସଜ୍ଜା ମଧ୍ୟ ହୋଇଛି। ମନ୍ଦିର ପରିବେଶ ଓ ପରିସରକୁ ସୁନ୍ଦର କରାଯାଇଛି। ହେଲେ ଏବେ ରିଂ ରୋଡ ସ୍ଥିତ ଗେଟ ସମ୍ମୁଖରେ କୁଡ କୁଡ ଅଳିଆ ପଡ଼ିରହିଛି। ଏସଏମସି ଅଳିଆ ଉଠାଇବା ପାଇଁ ଭୁଲି ଯାଉଛି। କୁଡ କୁଡ ଅଳିଆ ମନ୍ଦିର ପରିବେଶକୁ ଅସୁନ୍ଦର କରୁଛି।

ରାଜ୍ୟ ସରକାରଙ୍କ ଉଦ୍ୟମରେ ସମଲେଇ ପ୍ରକଳ୍ପ ଲୋକାର୍ପଣ ହୋଇଛି। କିଛି ଦିନ ହୋଇଛି ଲୋକାର୍ପଣ ଉତ୍ସବ ମଧ୍ୟ ଶେଷ ହୋଇଛି। ପ୍ରକଳ୍ପ ଲୋକର୍ପଣ ପାଇଁ ପ୍ରଶାସନ ପକ୍ଷରୁ ସହରର କାନ୍ଥ ବାଡ଼ ସୌନ୍ଦର୍ଯ୍ୟକରଣ କରାହୋଇଛି। ସୁସଜ୍ଜିତ ରଙ୍ଗ କଳା କୃତିରେ କଳାକାରମାନେ ବିଭିନ୍ନ ଚିତ୍ର ସବୁ କାନ୍ଥରେ ଜୀବନ୍ତ କରିଛନ୍ତି। ହେଲ ଏସଏମସିର ଏଥି ପ୍ରତି ନିଘା ନାଇଁ। ଅଳିଆ ଯେଉଁଠି ପଡ଼ିଲେ ତାର କଣ ଯାଉଛି ଭାବି ଦାୟିତ୍ୱ ଭୁଲି ଯାଉଛି। ସମଲେଇ ପ୍ରକଳ୍ପ ଦେଖିବାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ବିଭିନ୍ନ ପର୍ଯ୍ୟଟକ ନିତିଦିନ ଆସୁଛନ୍ତି। ସରକାରଙ୍କ ତରଫରୁ ମଧ୍ୟ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ନିର୍ବାଚନ ମଣ୍ଡଳୀରୁ ସମଲେଇ ପ୍ରକଳ୍ପର ଲୋକର୍ପଣ ଦେଖିବାକୁ ସମସ୍ତ ବ୍ୟବସ୍ଥା କରାଯାଇଛି। ହେଲେ ମନ୍ଦିର ସମ୍ମୁଖରେ ପଡ଼ିଥିବା ଅଳିଆ ଲୋକଙ୍କୁ ମର୍ମାହତ କରୁଛି। କୋଟି କୋଟି ଟଙ୍କାରେ ତିଆରି ହୋଇଥିବା ସମଲେଇ ପରିକ୍ରମା ପ୍ରକଳ୍ପ ଉଦେଶ୍ୟ ସତେ ଯେମିତି ଏହି କୁଡ଼କୁଡ଼ ଅଳିଆ ଆଗରେ ବ୍ୟର୍ଥ ହୋଇ ହୋଇପଡ଼ିଛି। ସେହିପରି ଫାଟକ ଅଞ୍ଚଳର ଡ୍ରେନ କେବେ ସଫା ହେଉନଥିବା ଭଳି ଦେଖାଯାଉଛି। ଡ୍ରେନ ଅଳିଆ ରାସ୍ତା ଉପରକୁ ଆସିବାପାଇଁ ପ୍ରସ୍ତୁତ ହେଲେଣି। ହେଲେ ଏଥି ପ୍ରତି ସତର୍କ ନାହିଁ। ଆବର୍ଜନାରେ ଅଞ୍ଚଳ ଦୁର୍ଗନ୍ଧରେ ଫାଟି ପଡୁଛି। ଏସଏମସିର ସଫେଇ ବିଭାଗର ଅପାରଗତ ଓ ଦାୟିତ୍ୱହୀନତା ସହର ପାଇଁ ବୋଝ ସାଜିଛି। ଏସଏମସିର ଅଳିଆ ଉଠା ଗାଡି ସକାଳେ ଓଦା ଓ ସୁଖା ଅଳିଆ ନେବା ପାଇ ଘର ଘର ବୁଲୁଛୁ। ହେଲେ ଅଳିଆ ଗାଡି ପ୍ରତ୍ୟକ ଦିନ ଆସୁନଥିବା ଅଭିଯୋଗ ହେଉଛି। ସେଥି ପାଇଁ ଲୋକ ମଧ ରାସ୍ତା କଡ଼ରେ ଅଳିଆ ପକାଇବା ପାଇଁ ବାଧ ହେଉଛନ୍ତି। କାମକୁ ତଦାରଖ କରିବାପାଇଁ ସୁପରଭାଇଜର ଓ ୱାର୍ଡ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ହେଲେ ଅଳିଆ ଉଠାଇବାକୁ ଭୁଲି ଯାଉଥିବା ଅଭିଯୋଗ ହେଉଛି।

# ନୂଆ ସମଲେଇ ପୀଠକୁ ଶ୍ରଦ୍ଧାଳୁଙ୍କ ଆଗମନ ଜାରି



ସମ୍ବଲପୁର, ୭।୨(ସମିସ): ସମ୍ବଲପୁର ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀଙ୍କ ସମଲେଇଙ୍କ ପ୍ରକଳ୍ପ ଲୋକାର୍ପଣ ପରେ ଭକ୍ତମାନଙ୍କ ଆଗମନ ବୃଦ୍ଧି ପାଇବାରେ ଲାଗିଛି। ମା ସମଲେଇଙ୍କ ଦର୍ଶନ ପାଇଁ ବିଭିନ୍ନ ନିର୍ବାଚନ ମଣ୍ଡଳୀର ଭକ୍ତଙ୍କ ଦର୍ଶନ ବ୍ୟବସ୍ଥା ସରକାରଙ୍କ ପକ୍ଷରୁ କରାଯାଇଛି। ଏହି ପିରପ୍ରେକ୍ଷୀରେ ଆଜି କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା, ବରଗଡ଼ର ପଦ୍ମପୁର, ସୁନ୍ଦରଗଡ଼ର ରାଜଗାଙ୍ଗପୁର ଏବଂ ବୌଦ୍ଧର କଣ୍ଟାମାଳ ନିର୍ବାଚନ ମଣ୍ଡଳୀର ଭକ୍ତ ଦର୍ଶନ ଆସି ସମଲେଇ ପରିକ୍ରମା ପ୍ରକଳ୍ପ ସୂଚାରୁ ରୂପେ ବୁଲିଛନ୍ତି। ସେହିପରି ଆସନ୍ତା କାଲି ସୁନ୍ଦରଗଡ଼ ଜିଲ୍ଲାର ବଣାଇ, ବରଗଡ଼ର ଭଟଲି, ବଲାଙ୍ଗୀର ଜିଲ୍ଲାର କଣ୍ଟାବାଞ୍ଜି ଏବଂ କଳାହାଣ୍ଡି ଜିଲ୍ଲାର ଜୁନାଗଡ଼ ନିର୍ବାଚନ ମଣ୍ଡଳୀର ଶ୍ରଦ୍ଧାଳୁ ଆସିବାର ସୂଚନା ରହିଛି। ଭକ୍ତମାନେ କିପରି ସୂଚାରୁ ରୂପେ ଦର୍ଶନ କରି ଘରକୁ ଫେରିବେ ସେଥିପାଇଁ ପ୍ରଶାସନ ସମସ୍ତ ବ୍ୟବସ୍ଥା କରିଛି। ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ମନ୍ଦଲିଆ ପଡ଼ିଆରେ କରାଯାଇଛି। ଏହି କାର୍ଯ୍ୟକ୍ରମ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ମାଁ ସମଲେଶ୍ୱରୀ ମନ୍ଦିର ପରିସରରେ ଭକ୍ତିମୟ ପରିବେଶ ସୃଷ୍ଟି ହେବାସହ ହୁଳୁହୁଳି ପ୍ରକମ୍ପିତ ହେଉଛି। ଏହାସହ ଭକ୍ତଙ୍କ ଜୟ ମାଁ ସମଲେଶ୍ୱରୀ ଧ୍ୱନିରେ ପରିବେଶରେ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହେଉଛି।

# ୧୫୦ ଟଙ୍କା ଅଧିକ ନେଇ ଫସିଲା କମ୍ପାନୀ

ସମ୍ବଲପୁର, ୭।୨(ସମିସ):ଜିଲ୍ଲା ଖାଉଟି ବିବାଦ ପ୍ରତିକାର ଆୟୋଗ ଏକ କମ୍ପାନୀକୁ ଗ୍ରାହକଠାରୁ ୧୫୦ ଟଙ୍କା ଅଧିକ ନେଇଥିବା ଅଭିଯୋଗରେ ତଦନ୍ତ କରି ଦଣ୍ଡିତ କରିଛନ୍ତି। ରାଉରକେଲାର ଇନ୍‌ସାଇଟ୍ ସ୍ମାର୍ଟ ଲର୍ଣ୍ଣି ପ୍ରାଇଭେଟ୍ ଲିମିଟେଡକୁ ୪୦ହଜାର ଜରିମାନା କରିଛନ୍ତି। ପ୍ରକାଶଥାଉକି ଧନକଉଡ଼ା ଗୁଡ଼ିବନ୍ଧର ସଂଜୟ କୁମାର ପାତ୍ରଙ୍କ ଅଭିଯୋଗକୁ ବିଚାରକୁ କରି ରାଉରକେଲାର ଇନ୍‌ସାଇଟ୍ ସ୍ମାର୍ଟ ଲର୍ଣ୍ଣି ପ୍ରାଇଭେଟ୍ ଲିମିଟେଡକୁ ଅଧିକ ନେଇଥିବା ୧୫୦ ଟଙ୍କା ଫେରସ୍ତ କରିବାକୁ ଆଦେଶ ଦେଇଛନ୍ତି। ତାସହ ୧୬ ମାର୍ଚ୍ଚ ୨୦୨୩ରୁ ବାର୍ଷିକ ୧୨ ପ୍ରତିଶତ ସୁଧ ହାରରେ ଏହି ଟଙ୍କା ଫେରାଇବା, ହଇରାଣ ପାଇଁ ୩୦ ହଜାର ଟଙ୍କା କ୍ଷତିପୂରଣ ଏବଂ ମୋକଦ୍ଦମା ଖର୍ଚ୍ଚ ବାବଦକୁ ୧୦ ହଜାର ଟଙ୍କା ଦେବାକୁ ଆଦେଶ ଦେଇଛନ୍ତି। ସେହିପରି ହୀରାକୁଦ ଷ୍ଟେଟବ୍ୟାଙ୍କକୁ ମଧ୍ୟ ଗ୍ରହାକକୁ ହଇରାଣ କରିଥିବା ନେଇ ଦଣ୍ଡିତ କରିଛନ୍ତି। ଝାଙ୍କରପଡ଼ାର ମାର୍ଥକ କୁମାର ସାହୁ ଷ୍ଟେଟ ବ୍ୟାଙ୍କ ପରିଚାଳକଙ୍କ ବିରୋଧରେ ଆୟୋଗଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାର ବିଚାର କରି ଆୟୋଗ ସେବା ପ୍ରଦାନରେ ଅବହେଳା ଏବଂ ହଇରାଣ କରିଥିବାରୁ ୧୦ ହଜାର ଟଙ୍କା କ୍ଷତିପୂରଣ ଓ ୧୦ ହଜାର ମୋକଦ୍ଦମା ଖର୍ଚ୍ଚ ବାବାଦକୁ ଏକ ମାସ ମଧ୍ୟରେ ପ୍ରଦାନ କରିବାକୁ ଆଦେଶ ଦେଇଛନ୍ତି। ଆୟୋଗର ସଭାପତି ଡ. ଆର୍. କେ.ଶତପଥୀ ଓ ସଦସ୍ୟ ଏସ୍.ଏନ୍. ତ୍ରିପାଠୀ ଉଭୟ ମାମଲାର ରାୟ ଶୁଣାଇଛନ୍ତି।

**ଗଣିବ ୪୦ ହଜାର**

# ୫୫ ହଜାର ଚାଷୀଙ୍କ ଠାରୁ ୩୦ ଲକ୍ଷ ୬୮ ହଜାର କ୍ୱିଣ୍ଟାଲ ଧାନ ସଂଗୃହୀତ

ସମ୍ବଲପୁର, ୭।୨(ସମିସ): ସମ୍ବଲପୁର ଜିଲ୍ଲାରେ ଖରିଫ୍ ଫସଲର ଧାନ ସଂଗ୍ରହ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଏଥର ୩୦ ଲକ୍ଷ ୬୮ ହଜାର ୩ଶହ ୮୮ କ୍ୱିଣ୍ଟାଲ ୧୩ କେଜି ଧାନ ସଂଗ୍ରହ କରାଯାଇଛି। ଜିଲ୍ଲାର ୫୪ ହଜାର ୯ଶହ ୪୭ ଜଣ ଚାଷୀ ଧାନ ବିକ୍ରୟ କରିଥିଲେ। ଧାନ ବିକ୍ରି ବାବଦକୁ କ୍ୱିଣ୍ଟାଲ ପ୍ରତି ସର୍ବନିମ୍ନ ସହାୟକ ମୂଲ୍ୟ -ଏମ୍‌ଏସ୍‌ପି ଦର ୨୧୮୩ ଟଙ୍କାରେ ଜିଲ୍ଲାରେ ଧାନ ବିକ୍ରି କରିଥିବା ଚାଷୀମାନଙ୍କ ବ୍ୟାଙ୍କ ଖାତାକୁ ୬ଶହ ୬୯ କୋଟି ୮୨ ଲକ୍ଷ ୯୧ ହଜାର ଟଙ୍କା ପଇଠ କରାଯାଇଛି। ହେଲେ ବିଭିନ୍ନ କାଗଜପତ୍ର ଏବଂ ବ୍ୟାଙ୍କ ଜମାଖାତ ନମ୍ବର ଠିକ୍‌ଠାକ୍ ଥିବା ଚାଷୀମାନଙ୍କୁ ସେମାନଙ୍କ ପ୍ରାପ୍ୟ ମୂଲ୍ୟ ପ୍ରଦାନ କରାଯାଇଛି। ଏଥର ଜିଲ୍ଲାରେ ୪୫ଟି ସେବା ସମବାୟ ସମିତି ଓ ବୃହତକାର ସେବା ସମିତି ଏବଂ ୧୫ଟି ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଜରିଆରେ ଧାନ କ୍ରୟ କରାଯାଇଥିଲା। ଜିଲ୍ଲାର କୁଚିଣ୍ଡା ସବ୍‌ଡିଭିଜନର ୧୭ ହଜାର ୨ଶହ ୬୫ ଜଣ ଚାଷୀଙ୍କ ଠାରୁ ୮ ଲକ୍ଷ ୯୭ ହଜାର ୧୬୫ କ୍ୱିଣ୍ଟାଲ ୬୫ କେଜି, ରେଢ଼ାଖୋଲର ୮ ହଜାର ୯ଶହ ୮୭ ଜଣ ଚାଷୀଙ୍କ ଠାରୁ ୩ ଲକ୍ଷ ୯୫ ହଜାର ୫ଶହ ୪୫ କ୍ୱିଣ୍ଟାଲ ୫୮ କେଜି ଏବଂ ସଦର ସବ୍‌ଡିଭିଜନର ୨୪ ହଜାର ୧୫୯ ଜଣ ଚାଷୀଙ୍କ ଠାରୁ ୧୫ ଲକ୍ଷ ୬୬ ହଜାର ୨୪୦ କ୍ୱିଣ୍ଟାଲ ୯୦ କେଜି ଧାନ କିଣା ଯାଇଛି। ସେହିଭଳି ୧୫ଟି ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଜରିଆରେ ୪, ୫୩୬ ଜଣ ଚାଷୀ ୨ ଲକ୍ଷ ୪୯ ହଜାର ୪୨୭ କ୍ୱିଣ୍ଟାଲ ୫୯ କିଲୋଗ୍ରାମ ଧାନ ବିକ୍ରି କରିଛନ୍ତି।

# 'କେକେଡି' ହଟାଅ କମିଟି ପକ୍ଷରୁ ଗଣଧାରଣା

ସମ୍ବଲପୁର, ୭।୨(ସମିସ): ଓଡ଼ିଶା ରାଜ୍ୟ କେଉଁଟ, କୈବର୍ତ୍ତ ଓ ଧିବର ହଟାଓ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆଜି ସମ୍ବଲପୁର ଆରଡିସି ଠାରେ ଗଣଧାରଣା ଦିଆଯାଇଛି। ଏହାସହ ପୂର୍ବରୁ ମଧ୍ୟ ଆରଡିସିଙ୍କ ମାଧ୍ୟମରେ ଦାବିପତ୍ର ଦିଆଯାଇଥିଲା। ସରକାରଙ୍କ ପକ୍ଷରୁ ଏହି ଦାବି ପୂରଣ କରିବା ପାଇଁ କମିଟି ଦାବି କରି ଗଣ ଧାରଣାରେ ବସିଛି। ଏଥିରେ କମିଟିର ପ୍ରତିନିଧିମାନେ ଉପସ୍ଥିତ ରହି ରାଜ୍ୟରେ ଏସସି ତାଲିକାରେ ସାମିଲ ଥିବା କେଉଁଟ, କୈବର୍ତ୍ତ ଓ ଧିବରଙ୍କୁ ତାଲିକାରୁ ହଟାଇବା ପାଇଁ ଦାବି କରିଛନ୍ତି।




# ଯୁବକଙ୍କୁ ଛୁରା ମାରିବା ଘଟଣା, ୨ ଗିରଫ

ସମ୍ବଲପୁର, ୭।୨(ସମିସ): ଖଜୁରିଆ ପଡ଼ାର ପିଣ୍ଟୁ ନାମକ ଯୁବକର ବେକକୁ ଗତକାଲି ଛୁରା ମାରିଥିବା ଘଟଣାରେ ଅଇଁଠାପାଲି ପୁଲିସ ଦୁଇ ଜଣକୁ ଗିରଫ କରିଥିବା ସହ ଜଣେ ନାବାଳକକୁ ଅଟକ ରଖିଛି। ଗିରଫ ଅଭିଯୁକ୍ତ ହେଉଛନ୍ତି ଅଇଁଠାପାଲିର ଯୋଗେଶ ଗୁରୁ(୨୬) ଓ ଅଭିନାଶ ମୁଣ୍ଡା(୨୩)। ସୂଚନାଯୋଗ୍ୟ, ଗତକାଲି ପିଣ୍ଟୁ ଏକ ଝିଅ ସହ ପିଏଚଡି ପଡ଼ିଆରେ କଥା ହେଉଥିଲା। କିଛି ସମୟ ପରେ ନାବଳକ ସହ ପିଣ୍ଟୁର ଝଗଡ଼ା ହୋଇଥିଲା। ନାବାଳକ ସେଠାରୁ ଆସି ତାର ସାଙ୍ଗ ଯୋଗେଶ ଓ ଅଭିନାଶକୁ ସବୁ କଥା ଜଣାଇଥିଲା। ପଶ୍ଚିମବିହାର ବାଟ ମଙ୍ଗଳା ମନ୍ଦିର ନିକଟରେ ପିଣ୍ଟୁ ରାତି ୮.୩୦ରେ ଛିଡା ହୋଇଥିଲା। ନାବାଳକ ଓ ତାର ଦୁଇ ସହଯୋଗୀ ଏକ ସ୍କୁଟି(ଓଡି ୧୫ ଜେ ୯୮୨୨)ରେ ପିଣ୍ଟୁ ପାଖକୁ ଯାଇ ଝଗଡ଼ା ଲାଗିଥିଲେ। ପରେ ଉତ୍ୟକ୍ତ ହୋଇ ପିଣ୍ଟୁର ବେକରେ ଛୁରା ମାରିଥିଲେ। ଯଦି ଏ ବିଷୟରେ ପୁଲିସକୁ ଜଣାଇବୁ ତାହାଲେ ଜୀବନରୁ ମାରିଦେବୁ ବୋଲି ଧମକ ଦେଇଥିଲେ। ଅଇଁଠାପାଲି ପୁଲିସ ତଦନ୍ତ କରି ଦୁଇ ଜଣକୁ ଗିରଫ କରି ନାବାଳକକୁ ଅଟକ ରଖିଛି।




# ଓରମାସ, ମିଶନ ଶକ୍ତି ପକ୍ଷରୁ କ୍ରେତା-ବିକ୍ରେତା ସମ୍ମିଳନୀ

ସମ୍ବଲପୁର, ୭।୨(ସମିସ): ଆଜି ଜିଲ୍ଲା ପରିଷଦ କାର୍ଯ୍ୟାଳୟ ସମ୍ମିଳନି ସଭାଗୃହ ରେ ଓରମାସ ଓ ମିଶନ ଶକ୍ତି ପକ୍ଷରୁ କ୍ରେତା ଓ ବିକ୍ରେତା ସମ୍ମିଳନି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ର ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସମ୍ବଲପୁର, ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ, କୁଚିଣ୍ଡା ବିଡ଼ିଓ, ବାମରା ବିଡ଼ିଓ, ଓରମାସର ଡେପୁଟି ସିଇଓ ସିମନ୍ତ ହୋତା ପ୍ରମୁଖ ମଞ୍ଚାସିନ ଥିଲେ। ଏଥିରେ ଜିଲ୍ଲାର ବିଭିନ୍ନ କୃଷକ ଉତ୍ପାଦନ ସଂଗଠନ ପ୍ରତିନିଧି ମାନେ ମଧ୍ୟ ଉପସ୍ଥିତ ଥିଲେ। ବିଶେଷ କରି ଜିଲ୍ଲା ର କୁଚିଣ୍ଡା ରେ ହେଉଥିବା ଲଙ୍କା ଚାଷର ର ବ୍ୟବସାୟୀକ ଅଭିବୃଦ୍ଧି ସହ ସହଜ ବିକ୍ରି ବ୍ୟବସ୍ଥା ନେଇ ଆଲୋଚନା କରାଯାଇଥିଲା। ଏହାସହ ବିଭିନ୍ନ କୃଷିଜାତ ଉତ୍ପାଦନ ଓ ଉଦ୍ୟାନ କୃଷି ଉତ୍ପାଦକକୁ ସୁବିଧା ରେ ବିକ୍ରି କରାଯିବାର ବିଭିନ୍ନ ଦିଗ ନେଇ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଭାରତ ମସଲା, ଆଇଟିସି ସମେତ ଦେଶର ବିଭିନ୍ନ ରପ୍ତାନିକାରୀ ସଂସ୍ଥାର ପ୍ରତିନିଧି ମାନେ ମଧ ଉପସ୍ଥିତ ଥିଲେ।






ମହାନଦୀ ନୀଳ ଜଳରାଶିରେ ମାଛ ଖୋଜୁଛି ପାଣିକୁଇଲି

# ୱାର୍ଡ ନଂ ୨୪ରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

ସମ୍ବଲପୁର, ୭।୨(ସମିସ):ମହିଳା ବିଜେଡି ପକ୍ଷରୁ ଆଜି ସମ୍ବଲପୁର ମହାନଗର ନିଗମର ୨୪ ୱାର୍ଡରେ ଘରେ ଘରେ ଶଙ୍ଖ କାଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷିରେ ଦଧିବାମନ ମନ୍ଦିର ଛକରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ମହାନ୍ତିପଡ଼ା, ଝାଡୁଆପଡ଼ା, କଂସାରିପଡ଼ି ପଟ୍ଟନାୟକପଡ଼ା ଅଞ୍ଚଳର ମହିଳା ବିଜେଡିର ସଭ୍ୟ ଭାବେ ଲୋକଙ୍କ ସହ ସିଧାସଳଖ ଆଲୋଚନା କରି ସରକାରଙ୍କ ଜନକଲ୍ୟାଣ କାରୀ ଯୋଜନା ନେଇ ଜନଜାଗରଣ ସୃଷ୍ଟି କରିଥିଲେ। ଏଥିରେ ଜିଲ୍ଲା ମହିଳା ବିଜେଡି ପର୍ଯ୍ୟବେକ୍ଷକ ମିନତି ଦେବତା, ଜିଲ୍ଲା ମହିଳା ବିଜେଡି କାଯ୍ୟକାରି ସଭାନେତ୍ରୀ ଉଷା ପ୍ରଧାନ, ନନ୍ଦିନୀ ପ୍ରଧାନ, ଲକ୍ଷ୍ମୀ ମହାରଣା, ସସ୍ମିତା ମୁଦୁଲି, ସୁଜାତା ଜେନା, ଜିଲ୍ଲା ବିଜେଡି ଉପସଭାପତି ବସନ୍ତ ମିଶ୍ର, ଗୋପାଳ ପୃଷେଟ ପ୍ରମୁଖ ଉପସ୍ଥିତ ଥିଲେ।



# ମୁଖ୍ୟମନ୍ତ୍ରୀ ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ସମ୍ବଲପୁର, ୭।୨(ସମିସ):ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘ ଓଡ଼ିଶା ସମ୍ବଲପୁର ପକ୍ଷରୁ ଆଜି ସମ୍ବଲପୁର ସାମ୍ବାଦିକ ଭବନଠାରେ ଜିଲ୍ଲା କାର୍ଯ୍ୟକାରଣୀ ବୈଠକ ସହ ମୁଖ୍ୟମନ୍ତ୍ରୀ ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସଂଘର ଜିଲ୍ଲା ସଭାପତି ବିରେନ୍ଦ୍ର କୁମାର ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉପସଭାପତି ସତୀଶ କୁମାର ଛୁରିଆ, ସାଧାରଣ ସମ୍ପାଦକ ପଙ୍କଜ ବେହେରା, ଯୁଗ୍ମ ସମ୍ପାଦକ ବସନ୍ତ ସାହୁ, ରାଜକୁମାର ଭୋଇ, ମହିଳା ଶାଖା ସଭ୍ୟା ସୁଜାତା ପଧାନ, ଲଜିତା ଧଲ, ମିଡିଆ ପ୍ରଭାରୀ ପ୍ରିୟ ରଞ୍ଜନ ସାଥୁଆ, କୋଷାଧ୍ୟକ୍ଷ ଲୋକନାଥ ଜୟପୁରିଆ ପ୍ରମୁଖ ଉପସ୍ଥିତ ଥିଲେ। ବିଶେଷ କରି ଶିକ୍ଷକମାନଙ୍କ ବହୁଦିନରୁ ଏମଏସିପି ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଏଥିସହ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ଶିକ୍ଷକବିରେନ୍ଦ୍ର କୁମାର ପଟେଲ, ଚନ୍ଦନ କୁମାର ମାକର, ବସନ୍ତ କୁମାର ସାହୁଙ୍କୁ ସଂଘ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ତଥା ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।



# ଜିଲ୍ଲାସ୍ତରୀୟ ସ୍କାଉଟ୍, ଗାଇଡ୍ କ୍ୟାମ୍ପୋରୀ ଉଦ୍‌ଯାପିତ



ସମ୍ବଲପୁର, ୭।୨(ସମିସ):ଜିଲ୍ଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଲଙ୍କ ନିର୍ଦ୍ଦେଶରେ କସ୍ତୁରବା ଗାନ୍ଧୀ ମାତୃ ନିକେତନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ଭାରତ ସ୍କାଉଟ ଗାଇଡ କ୍ୟାମ୍ପୋରୀ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ ତଥା ଜିଲ୍ଲା ସମ୍ପାଦକ ସୁଜାତା ପଟ୍ଟନାୟକ, ଜିଲ୍ଲା ଗାଇଡ କମିଶନର୍ ଦୀପାଲୀ ଚୌଧୁରୀ, ଜିଲ୍ଲା ସ୍କାଉଟ କମିଶନର କୁଳଧର ପ୍ରଧାନ, ପ୍ରଧାନ ଶିକ୍ଷକ ଗିରିଧାରୀ ଡନ୍‌ସେନା ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନଙ୍କ ପ୍ରେରଣାଦାୟୀ ଉଦ୍‌ବୋଧନ ପରେ ଚଳିତ ମାସରେ ଅବସର ନେବାକୁ ଥିବା ପୂର୍ବତନ ସମ୍ପାଦକ ତଥା ବରିଷ୍ଠ ସ୍କାଉଟ ମାଷ୍ଟର ଜଗବନ୍ଧୁ ବେହେରାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ଅତିଥିମାନେ ବିଭିନ୍ନ ପ୍ରତିଯୋଗିତାର ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ସତ୍ୟନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ରେଳ ମଣ୍ଡଳ ପକ୍ଷରୁ କର୍ମଚାରୀ ଅଭିଯୋଗ ସମାଧାନ ଶିବିର

ସମ୍ବଲପୁର, ୭।୨(ସମିସ)

ପୂର୍ବତଟ ରେଳପଥ ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ ରେଳବାଇ କମ୍ୟୁନିଟି ହଲରେ କର୍ମଚାରୀଙ୍କ ପାରମ୍ପାରିକ ସମ୍ପର୍କ ଅଭିଯୋଗ ସମାଧାନ ଓ ଶିବିର ଅନୁଷ୍ଠିତ ହୋଇଯାଇଛି।ଏହି ଅବସରରେ ତୁଷାର କାନ୍ତ ପାଣ୍ଡେ, ମଣ୍ଡଳ ରେଳ ପ୍ରବନ୍ଧକ, ସମ୍ବଲପୁର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଶ୍ରୀ ପାଣ୍ଡେ କହିଥିଲେ ଯେ, କର୍ମଚାରୀଙ୍କ ଅଭିଯୋଗ ଉପରେ ନିରନ୍ତର ଦୃଷ୍ଟି ରଖିବା ପ୍ରଶାସନର ଏକ ମହତ୍ତ୍ୱପୂର୍ଣ୍ଣ ଦାୟିତ୍ୱ। କେବଳ ଏକ ସକ୍ରିୟ କର୍ମଚାରୀମାନଙ୍କଠାରୁ ସେବା ନେଇପାରିବ ଯା ଦ୍ୱାରା ସକରାତ୍ମକ ପରିଣାମ ମଧ ମିଳିପାରିବ। ଏହା ବ୍ୟତୀତ ସେ ଦଳଗତ କାର୍ଯ୍ୟକୁ ମଧ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ତନ୍ମୟ ମୁଖୋପାଧ୍ୟାୟ, ବରିଷ୍ଠ ମଣ୍ଡଳ ପରିଚାଳନା ପ୍ରବନ୍ଧକ, ତତ୍ତ୍ୱଦର୍ଶୀ ସାହୁ, ବରିଷ୍ଠ ମଣ୍ଡଳ ଇଞ୍ଜିନିୟର (ସମନ୍ୱୟ), ସମ୍ବିତ ସେଠି ନାୟକ, ବରିଷ୍ଠ ନିରାପତ୍ତା ଅଧିକାରୀ ଡ. ସବିତା ଶତପଥି, ମୁଖ୍ୟ ଚିକିତ୍ସା ଅଧିକ୍ଷକ, ବିନାୟକ ବେହେରା, ବରିଷ୍ଠ ମଣ୍ଡଳ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ପରିଚାଳନା) ନିଜର କର୍ମଚାରୀମାନଙ୍କ ପ୍ରତି ପ୍ରଶାସନର ଦାୟିତ୍ୱକୁ ଆହୁରି ଉନ୍ନତ କରିବାପାଇଁ ପରାମର୍ଶ ଦେଇଥିଲେ। ଡ. ମନୋଜ କୁମାର ବେହେରା ଚାପ ପ୍ରବନ୍ଧନ ଉପରେ ଏକ ପାୱାର ପଏଣ୍ଟ ପ୍ରସ୍ତୁତ କରିଥିଲେ। ଏହି ଅବସରରେ ମଣ୍ଡଳର ସମସ୍ତ ଅଧିକାରୀ ଓ ବହୁ ସଂଖ୍ୟାରେ କର୍ମଚାରୀ ମାନେ ଅଂଶ ଗ୍ରହଣ କରିଥିଲେ। ବିରଷ୍ଠ ମଣ୍ଡଳ ଅଧିକାରୀ ଜୁସୁଫ କବୀର ଅଂସାରୀ ଏହି କାର୍ଯ୍ୟକ୍ରମର ପରିଚାଳନ କରିଥିଲେ।





# ଅଜଣା ଗାଡ଼ି ଧକ୍କାରେ ୨ ମୃତ

**ପାଇକମାଳ, ୭।୨(ସମିସ):** ପାଇକମାଳ ବ୍ଲକ କେରେମେଲାବାହଲ ପଞ୍ଚାୟତ ଗୋଇବାହିଲିଠାରେ ମଙ୍ଗଳବାର ରାତିରେ ଗାଡ଼ି ଧକ୍କାରେ ୨ଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ରାତି ପ୍ରାୟ ୧୧ଟାରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ମୃତକମାନେ ହେଲେ ପାଇକମାଳ ଥାନା ରସମୁଣ୍ଡା ଗ୍ରାମର ରାଜୁ ବାଗ (୨୫) ଓ ଭେଙ୍ଗରାଜପୁର ଗ୍ରାମର ଖଗେଶ୍ୱର ରଣା (୩୮)। ମୃତକ ଦ୍ୱୟ ଗୋଇବାହାଲିରେ ହେଉଥିବା ଧନୁଯାତ୍ରା ଦେଖିବାକୁ ଯାଇଥିଲେ। ସେଠାରୁ ଖାଇବା ପାଇଁ ଭୋଜନ କେନ୍ଦ୍ରକୁ ଯାଉଥିବା ବେଳେ ରାସ୍ତାରେ ଦୁର୍ଘଟଣାର ଶିକାର ହୋଇଥିଲେ। ଘଟଣାସ୍ଥଳରେ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ପଦ୍ମପୁର ଚିକିତ୍ସାଳୟରେ ମୃତ୍ୟୁବରଣ କରିଥିଲେ। ଏ ନେଇ ପାଇକମାଳ ପୁଲିସ କେସ ନମ୍ବର ୨୮ /୨୦୨୪ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଏସ୍ଆଇ ବି.ଲକ୍ରା କରୁଛନ୍ତି। ରାଜୁଙ୍କ ମୃତ୍ୟୁ ଖବର ପାଇବା ପରେ ରସମୁଣ୍ଡା ଗାଁରେ ଶୋକର ଛାୟା ଖେଳି ଯାଇଥିଲା। ୧୧ ଦିନ ତଳେ ରାଜୁଙ୍କ ଏକ ସନ୍ତାନ ହୋଇଛି।



# ସୋହେଲାରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

**ସୋହେଲା, ୭।୨(ସମିସ)**

ସୋହେଲାଠାରେ ବିଜେଡି ପକ୍ଷରୁ ବ୍ଲକସ୍ତରୀୟ ଜନସମ୍ପର୍କ ପଦଯାତ୍ରା ଓ ନୂତନ ବର୍ଷର ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭଟ୍‌ଲି ବିଧାୟକ ସୁଶାନ୍ତ ସିଂହଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହଜାର ହଜାର ସଂଖ୍ୟାରେ କର୍ମୀ, ସମର୍ଥକ ଓ ନେତା ଯୋଗଦେଇଥିଲେ। ସୋହେଲା ବ୍ଲକର ବିଭିନ୍ନ ପଞ୍ଚାୟତର ଦଳୀୟ କର୍ମୀ ଓ ନିର୍ବାଚିତ ପ୍ରତିନିଧି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏପରିକି ବାହାର ଜିଲ୍ଲାରୁ ମଧ୍ୟ ବହୁ ନେତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପଦ୍ମପୁର ରୋଡ୍‌ରେ ଥିବା ଅଗ୍ରସେନଭବନଠାରୁ ଏହି ପଦଯାତ୍ରା ଆରମ୍ଭ ହୋଇ ଥାନା ଛକରେ ସମାପନ ହୋଇଥିଲା। ବହୁ ଲୋକଙ୍କ ସମାଗମ ଯୋଗୁଁ ସୋହେଲା ଜନସମୁଦ୍ରରେ ପରିଣତ ହୋଇଥିଲା। ବିଧାୟକ ସୁଶାନ୍ତ ସିଂହ ତାଙ୍କ ସମର୍ଥକମାନଙ୍କ ସହିତ ସ୍ଥାନୀୟ ଦୁର୍ଗାମନ୍ଦିରକୁ ଯାଇ ସେଠାରେ ମା'ଙ୍କ ପୂଜାର୍ଚ୍ଚନା କରି ଆଶୀର୍ବାଦ ଭିକ୍ଷା କରିଥିଲେ। ପରେ ସେ ଗାନ୍ଧୀ ଛକରେ ଥିବା ସତ୍ୟାଗ୍ରହ ସ୍ମାରକୀପୀଠରେ ମାଲ୍ୟାର୍ପଣ କରିଥିଲେ। ଆତସବାଜି ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। କର୍ମୀମାନେ ହାତରେ ଦଳୀୟ ପତାକା ଧରି ବିଭିନ୍ନ ସ୍ଲୋଗାନ ଦେଇ ବିରାଟ ପଟୁଆରରେ ଏହି ପଦଯାତ୍ରା କରିଥିଲେ। ପୂର୍ବତନ ସାଂସଦ ତଥା ବିଜେଡି ଜିଲ୍ଲା ସଭାପତି ପ୍ରଭାସ ସିଂ, କାର୍ଯ୍ୟକାରୀ ଜିଲ୍ଲା ସଭାପତି ଜାପାନ ମହାପାତ୍ର, ବିଜୁ ଯୁବ ଜନତା ଦଳର ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ, ବିଜୁ ଛାତ୍ର ଜନତା ଦଳର ଜିଲ୍ଲା ସଭାପତି କରନ ସିକନ୍ଦର, ଜିଲ୍ଲା ପରିଷଦ ଅଧକ୍ଷା ମାନିନୀ ଭୋଇ, ଜୋନ୍ ଯୁବ ସମ୍ପାଦକ ବିଜୟ କାଣ୍ଡ, ସୋହେଲା ବ୍ଲକ ଅଧ୍ୟକ୍ଷା ବବି ପଧାନ, ଭଟ୍‌ଲି ବ୍ଲକ ଅଧ୍ୟକ୍ଷ ନିତ୍ୟାନନ୍ଦ ପଧାନ, ଜିଲ୍ଲା ପରିଷଦ ସଭ୍ୟା ରୋଜି ନାଏକ, ଜାଇଫୁଲ ସିଂ ବରିହା ଓ ମିତା ବିଶି, ପୂର୍ବତନ ସୋହେଲା ବ୍ଲକ ଅଧ୍ୟକ୍ଷ ସୁବ୍ରତ ବେହେରା ଓ ଜୀବର୍ଦ୍ଧନ ବରିହା, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ପ୍ରଫୁଲ୍ଲ ପଧାନ, ବରିଷ୍ଠ ନେତା ଗଣତନ୍ତ୍ର ପଧାନ, ଦେବେନ୍ଦ୍ର ପାତ୍ର, କାର୍ତ୍ତିକ ବାରିକ, ମନ ମାଝୀ, ମାର୍କଣ୍ଡ ସା, ରାଜେଶ କୁମାର ଅଗ୍ରୱାଲ, କୁଳମଣି ଦୁଆନ, ରାଜୁ ଘିବେଲା ଓ ନିଲୁ ଝାଙ୍କର ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।





# କନସିଂହା ଓ ଚଣ୍ଡିପାଲିକୁ ପାନୀୟ ଜଳଯୋଗାଣ ଦାବି

**ପଦ୍ମପୁର, ୭।୨(ସମିସ):** ପଦ୍ମପୁର ଉପଖଣ୍ଡ ଅଙ୍ଗ ନଦୀରୁ କନସିଂହା ଓ ଚଣ୍ଡିପାଲିକୁ ପାନୀୟଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟର ଓଭରହେଡ୍ ପାଇପ୍ ପ୍ରକଳ୍ପ ଗତ ଜୁଲାଇ-୨୦୨୩ରୁ କାମ ସମ୍ପୂର୍ଣ୍ଣ ହୋଇଛି। କିନ୍ତୁ ଅଦ୍ୟାବଧି ପାଣି ଯୋଗାଣ କରାଯାଇନାହିଁ। ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଦୁଇଥର ଅଭିଯୋଗ କରାଯାଇଥିଲା। ଜିଲ୍ଲାପାଳ ସମ୍ପୃକ୍ତ ଅଧିକାରୀଙ୍କୁ ତାଗିଦା କରିଥିଲେ ବି ଏଯାଏ ଜଳ ଯୋଗାଣ ସମ୍ଭବ ହୋଇପାରିନାହିଁ। ଫଳରେ ଅଞ୍ଚଳବାସୀ ପାନୀୟଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ବିଭାଗୀୟ ଅଧିକାରୀ ଗୋଟିଏ ସପ୍ତାହରେ ଜଳଯୋଗାଣ ହୋଇଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଗ୍ରୀଷ୍ମଋତୁ ପୂର୍ବରୁ ତୁରନ୍ତ ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରି ଉଭୟ ଗ୍ରାମକୁ ଜଳ ଯୋଗାଣ କରିବାକୁ ଦାବି ହୋଇଛି। ଦାବି ପୂରଣ ନହେଲେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ରୋହିତ ପଧାନ, କିଶୋର ସେଠ, ପ୍ରଶାନ୍ତ ପଧାନ, ରାଜୀବ ମିଶ୍ରଙ୍କ ସମେତ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।



# ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କ 'ସୁନେତ୍ର' କାର୍ଯ୍ୟକ୍ରମ ଉଦଯାପିତ

**ବରପାଲି, ୭।୨(ସମିସ):** ବରପାଲି ଗଙ୍ଗାଧର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ ତ୍ରିଦିବସୀୟ 'ସୁନେତ୍ର' କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଚକ୍ଷୁ ପରିକ୍ଷା ଶିବିର ଆୟୋଜିତ ହୋଇଥିଲା। ବରପାଲି ବ୍ଲକ ବିଭିନ୍ନ ପଞ୍ଚାୟତରେ ଥିବା ସ୍କୁଲ୍‌ର ଦୃଷ୍ଟି ବାଧିତ ଛାତ୍ରଛାତ୍ରୀଙ୍କ ନିମନ୍ତେ 'ସୁନେତ୍ର' କାର୍ଯ୍ୟକ୍ରମ ଗତ ୫ତାରିଖରୁ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମକୁ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ମୁକୁନ୍ଦ ମହରା ଉଦ୍‌ଘାଟନ କରିଥିଲେ। ମୁକୁନ୍ଦ ମେହେରଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଶିବିରରେ ବ୍ଲକର ୧୪ଟି କ୍ଲଷ୍ଟରରୁ ତାଲିମପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦ୍ୱାରା ବଛାଯାଇଥିବା ୪୮୮ ଛାତ୍ରଛାତ୍ରୀ 'ସୁନେତ୍ର' ଶିବିରରେ ଯୋଗଦେଇଥିଲେ। ତନ୍ମଧ୍ୟରୁ ୨୬୦ଜଣ ଛାତ୍ରଛାତ୍ରୀଙ୍କୁ ଚଷମା ଦେବା ପାଇଁ ଚିହ୍ନଟ କରିଯାଇଥିଲା। ସେହିପରି ୨୮ଜଣଙ୍କୁ ବରଗଡ଼ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର ପାଇଁ ସିଦ୍ଧାନ୍ତ ନିଆଯାଇଥିଲା। 'ସୁନେତ୍ର' ଚିହ୍ନଟ ଶିବିରରେ ଡାକ୍ତର ଭାଗ୍ୟଧର ବେହେରା, ନିତ୍ୟାନନ୍ଦ ମହାପାତ୍ର, ବିଶ୍ୱମ୍ଭର ଶତପଥୀ ଓ ଚକ୍ଷୁ ବିଶେଷଜ୍ଞ ଯୋଗଦେଇ ଦୃଷ୍ଟି ବାଧିତ ଛାତ୍ରଛାତ୍ରୀଙ୍କୁ ଚିକିତ୍ସା ସେବାରେ ସହାୟତା କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟର ତୁଳାରାମ ସାହୁ, ମିହିର ପଧାନ, ସୈରୀନ୍ଦ୍ରି ସାହୁ, ଜୟନ୍ତୀ ନାଏକ, ଶ୍ରୀନିବାସ ସାହୁଙ୍କ ସମେତ ବିଭାଗୀୟ ସମସ୍ତ ସିଆର୍‌ସିସି ପରିଚାଳନାରେ ସହଯୋଗ କରିଥିଲେ। ପରେ ମୁକୁନ୍ଦ ମେହେର(ବିଆର୍‌ଟି) ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।




# ଶହୀଦ ଗୁରୁବାରୀ ମେହେରଙ୍କ ଶ୍ରଦ୍ଧାଞ୍ଜଳି ସଭା

**ଘେଁସ, ୭।୨(ସମିସ):** ବୀରାଙ୍ଗନା ଗୁରୁବାରୀ ମେହେର ହେଉଛନ୍ତି ପଶ୍ଚିମ ଓଡ଼ିଶାର ପ୍ରଥମ ମହିଳା ସ୍ୱାଧୀନତା ସଂଗ୍ରାମୀ ତଥା ଶହୀଦ। ସେ ବିନିକା ସହର ପ୍ରଜାମେଳିର ନେତୃତ୍ୱ ନେଇ ଇଂରେଜ ଶାସନର ଶୋଷଣ ଓ ଦମନ ଲୀଳାର ପ୍ରତିବାଦ କରିଥିଲେ। ଫଳରେ ତାଙ୍କୁ ୧୯୪୭ମସିହା ଜାନୁଆରୀ ୩୦ ତାରିଖରେ ଇଂରେଜ ପୁଲିସର ବନ୍ଧୁକ ଗୁଳିର ଶିକାର ହେବାକୁ ପଡ଼ିଥିଲା। ଗୁରୁବାରୀଙ୍କ ଅମର ବଳିଦାନକୁ ସ୍ମରଣକରି ସୋହେଲା ବ୍ଲକ ଭୁଲିଆ ସମାଜ ପକ୍ଷରୁ ସୋହେଲା ବ୍ଲକ ବରପଦର ଗ୍ରାମରେ ସ୍ଥାନୀୟ ଭୁଲିଆ ସମାଜର ଆୟୋଜନରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ବ୍ଲକ ସଭାପତି ଗଜରାଜ ମେହେର ପୌରୋହିତ୍ୟ କରିଥିଲେ। ନିଖିଳ ଓଡ଼ିଶା ମେହେର (ଭୁଲିଆ) ସମାଜର ସଂଯୋଜକ ଡକ୍ଟର ସୁବାସ ମେହେର ମୁଖ୍ୟ ଅତିଥି, ବରଗଡ଼ ଜିଲ୍ଲାର ସଂଯୋଜକ ପ୍ରଦୀପ ମେହେର ସମ୍ମାନିତ ଅତିଥି ଓ ନନ୍ଦିନୀ ମେହେର ମୁଖ୍ୟବକ୍ତା ଭାବେ ଯୋଗଦାନକରି ଗୁରୁବାରୀଙ୍କ ଆନ୍ଦୋଳନ ଉପରେ ଆଲୋଚନା କରିଥିଲେ। ରୋହିତ ମେହେରଙ୍କ ସଂଯୋଜନାରେ ସଭା ପରିଚାଳିତ ହୋଇଥିଲା ଓ ସମ୍ପାଦକ ମକରଧ୍ୱଜ ମେହେର ସ୍ୱାଗତ ଭାଷଣ ଦେଇଥିଲେ। ମୀନକେତନ ମେହେର ସମଲେଶ୍ୱରୀ ବନ୍ଦନା ଗାନ କରିଥିଲେ। ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସଭାରେ ବରିଷ୍ଠ ସଂଗଠକ ବିନୋଦ ବିହାରୀ ମେହେର, ମାର୍ଗଦର୍ଶକ ଦେବରାଜ ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ମାଟ୍ରିକ୍ ପରୀକ୍ଷାର କୃତୀ ଛାତ୍ରୀ ଶିଖା ମେହେର, ମଞ୍ଚ କଳାକାର ଝସକେତନ ମେହେର, କବି ଭବାନୀ ମେହେର ଓ ବାଦ୍ୟଶିଳ୍ପୀ ବିଚିତ୍ର ମେହେରଙ୍କୁ ମାନପତ୍ର ସହ ସମ୍ମାନିତ କରାଯାଇଥିଲା। ଶେଷରେ ଚନ୍ଦ୍ରମଣି ମେହେର ଧନ୍ୟବାଦ ଅର୍ପଣ କରିଥିଲେ।



# ବକେୟା ଦରମା ଦାବିରେ ଧାରଣା



**ବରଗଡ଼, ୭।୨(ସମିସ):** ବକେୟା ଦରମା ପ୍ରଦାନ ଦାବି ନେଇ ଚିନିକଳ କର୍ମଚାରୀମାନେ ବୁଧବାର ବରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସୂଚନା ଯୋଗ୍ୟ ଯେ ବରଗଡ଼ ଚିନିକଳ ଦୀର୍ଘଦିନ ହେବ ବନ୍ଦ ହୋଇଯାଇଥିବାବେଳେ ପୂର୍ବରୁ କାର୍ଯ୍ୟ କରୁଥିବା କର୍ମଚାରୀମାନେ ଦରମା ମଧ୍ୟ ପାଇପାରି ନାହାନ୍ତି। ପ୍ରାୟ ୩ ଶହରୁ ଉର୍ଦ୍ଧ୍ୱ କର୍ମଚାରୀଙ୍କ ପାଖାପାଖି ୭୪ ମାସର ଦରମା ବାକି ରହିଥିବା ଜଣାପଡ଼ିଛି। ଯାହାକୁ ନେଇ କର୍ମଚାରୀମାନେ ବକେୟା ଦରମା ପ୍ରଦାନ ସହ ପୁନଃ ଥଇଥାନ ଦାବି ନେଇ ଧାରଣାରେ ବସିଥିଲେ। ବରଗଡ଼ ସୁଗାରମିଲ ଏମ୍ପ୍ଲୟିଜ୍ ୟୁନିଅନ୍ ପକ୍ଷରୁ ସୁବ୍ରତ ସାହୁ, ଉଦ୍ଧବ ସାହୁ, ଆର୍‌କେ ପତି, କୈବର୍ତ୍ତ ସାହୁଙ୍କ ସମେତ ବହୁ କର୍ମଚାରୀ ଧାରଣାରେ ସାମିଲ ହୋଇଥିଲେ।

# ୨୦ତମ ବୁଢ଼ାରଜା କ୍ରିକେଟ କପ୍ ଉଦଘାଟିତ

**ଗୁଦେରପାଲି, ୭।୨(ସମିସ):** ଗାଇସିଲେଟ୍ ବ୍ଲକ ଗୁଦେରପାଲି ଗାଁରେ ୨୦ତମ ବୁଢ଼ାରଜା କ୍ରିକେଟ୍ କପ୍ ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ରାମଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟ ୫ଦିନ ଧରି ଚାଲିବ। ଆଜି ପ୍ରଥମ ଦିନରେ ପ୍ରାରମ୍ଭିକ ମ୍ୟାଚଟି କୁଣ୍ଡାଖାଇ ଏବଂ ନଅଗାଁ, ଦ୍ୱିତୀୟ ମ୍ୟାଚ ଗୁଦେରପାଲି ଓ ଘନାମାଲ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ବିଜେଡି ନେତା ମୁକେଶ ମୁରାରୀ କେଡିଆ, ଜଗଦୀଶ ପାତ୍ର, ନିର୍ମଳ ନାୟକ, କୈଳାସ ହାତୀ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।



# ଭୂମିହୀନଙ୍କୁ ଘରଡିହ ପଟ୍ଟା ଯୋଗାଣ ଦାବି

**ବରଗଡ଼, ୭।୨(ସମିସ):** ବରଗଡ଼ ସଦର ବ୍ଲକ ବରଡୋଲ ପଞ୍ଚାୟତ ଟିକ୍ରାପଡ଼ା, ପିପଲିପାଲିରେ ରହି ଆସୁଥିବା ଭୂମିହୀନଙ୍କୁ ଘରଡିହ ପଟ୍ଟା ଯୋଗାଇଦେବାକୁ ଦାବି ହୋଇଛି। ଏଠାରେ ରହୁଥିବା ବହୁ ଗରିବ ଆର୍ଥିକ ପରିସ୍ଥିତି ଯୋଗୁଁ ଜାଗା ଖଣ୍ଡିଏ କିଣି ପାରୁ ନାହାନ୍ତି। ଦୀର୍ଘ ବର୍ଷ ହେବ ସେଠାରେ ରହି ଆସୁଥିବା ଗରିବ ଭୂମିହୀନଙ୍କୁ ସରକାରଙ୍କ ତରଫରୁ ଜାଗା ଖଣ୍ଡିଏ ଯୋଗାଇ ଦେବାକୁ ଦାବି ହୋଇଛି। ଏ ନେଇ ବୁଧବାର ଆରତୀ ଦାସ, ଝରଣା ସ୍ୱାଇଁ, ମୀନାରାଣୀ ତରାଇ, ଅନୁପମା ଧଳଙ୍କ ସମେତ ବହୁ ମହିଳା ଜିଲ୍ଲାପାଳ କାର୍ଯ୍ୟାଳୟରେ ପହଞ୍ଚି ଅତିରିକ୍ତ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଭୂମିହୀନ ସଂଗ୍ରାମ ସମିତିର ରମେଶ ମହାପାତ୍ର ଏବଂ ଭବାନୀ ପ୍ରସାଦ ସାହୁ ଉପସ୍ଥିତ ଥିଲେ।



## ନବରାତ୍ର ଅଖଣ୍ଡ ଶ୍ରୀହରି ନାମଯଜ୍ଞ ଓ ବିରାଟ ରାମଲୀଳା ମହୋତ୍ସବର ଷଷ୍ଠ ସନ୍ଧ୍ୟା

# ଲଙ୍କା ପୋଡ଼ି ପରେ ବିତାଡ଼ିତହେଲେ ବିଭୀଷଣ

**ଭେଡେନ, ୭।୨(ସମିସ)**

ଭେଡେନ୍‌ସ୍ଥିତ ବାବା ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଚାଲିଥିବା ନବରାତ୍ର ଅଖଣ୍ଡ ଶ୍ରୀହରି ନାମଯଜ୍ଞ ଓ ରାମଲୀଳା ମହୋତ୍ସବର ଆଜିଥିଲା ଷଷ୍ଠ ସନ୍ଧ୍ୟା। ଏହି ସନ୍ଧ୍ୟାରେ ନାମଯଜ୍ଞ ସହ ଲଙ୍କାପୋଡ଼ି ଓ ବିଭୀଷଣ ଲଙ୍କାରୁ ବିତାଡ଼ିତ ହେବା ଦୃଶ୍ୟ ମଞ୍ଚସ୍ଥ ହୋଇଥିଲା। ଲଙ୍କା ନଗରୀରେ ପରିଣତ ହୋଇଥିବା ଭେଡେନ୍ ଅଞ୍ଚଳରେ ଏବେ ଚାଲିଛି ରାବଣ ରାଜ। ଏହି ଅବସରରେ ବୁଧବାର ସନ୍ଧ୍ୟାରେ ସୁଗ୍ରୀବ କିଷ୍କିନ୍ଧ୍ୟାର ରାଜା ହୋଇଛନ୍ତି ଓ ମାତା ସୀତାଙ୍କ ସନ୍ଧାନ ପାଇଁ ହନୁମାନଙ୍କୁ ପ୍ରେରଣ କରିଛନ୍ତି। ବାଟରେ ହନୁମାନଙ୍କ ସାକ୍ଷାତ ସିମ୍ପାତି ସହ ହୋଇଛି ଓ ସମୁଦ୍ର ପାରି ହୋଇ ହନୁମାନ ଲଙ୍କା ନଗରୀରେ ପ୍ରବେଶ କରିଛନ୍ତି। ହନୁମାନଙ୍କ ଦ୍ୱାରା ସିଂହିକା ରାକ୍ଷସୀ ବଧ ହୋଇଛି ଓ ଲଙ୍କେଶ୍ୱରୀଙ୍କ ସହ ସାକ୍ଷାତ ପରେ ଅଶୋକ ବଟିକାରେ ମାତା ସୀତାଙ୍କୁ ଠାବ କରିଛନ୍ତି ହନୁମାନ। ହନୁମାନଙ୍କ ଦ୍ୱାରା ଅଶୋକ ବାଟିକା ଧ୍ୱଂସ ଖବର ପାଇ ରାବଣ ହନୁମାନଙ୍କୁ ଧରିଆଣିବା ପାଇଁ ପୁତ୍ର ଅକ୍ଷୟ କୁମାରକୁ ପ୍ରେରଣ କରିଛନ୍ତି ହେଲେ ଯୁଦ୍ଧରେ ଅକ୍ଷୟ କୁମାର ନିହତ ହୋଇଛି। ଏହା ଶୁଣି ଦଶାନନ ରାବଣ ମର୍ମାହତ ଓ କ୍ରୋଧରେ ଜର୍ଜରିତ ହୋଇ ପୁତ୍ର ଇନ୍ଦ୍ରଜିତକୁ ପ୍ରେରଣ କରିଛନ୍ତି ଅଶୋକବାଟିକାରୁ ହନୁମାନଙ୍କୁ ଧରି ଆଣିବା ପାଇଁ। ଯୁଦ୍ଧରେ ଇନ୍ଦ୍ରଜିତ ହନୁମାନଙ୍କୁ ନାଗଫାଶରେ ବନ୍ଧନ କରି ରାଜଦରବାରକୁ ଆଣିଛନ୍ତି। ଦଣ୍ଡ ସ୍ୱରୂପ ହନୁମାନଙ୍କ ଲାଙ୍ଗୁଡ଼ରେ ଅଗ୍ନି ସଂଯୋଗ କରାଯାଇଛି। ଯାହାର ନିଆଁରେ ସ୍ୱର୍ଣ୍ଣପୁରୀ ଲଙ୍କାକୁ ଜାଳିଦେଇଛି। ହନୁମାନଙ୍କ ଦ୍ୱାରା ଏଭଳି କ୍ଷତି ହେବା ପରେ ଷଡ଼ଯନ୍ତ୍ର ଥିବା ସନ୍ଦେହ କରି ଦଶାନନ ରାବଣ ବିଭୀଷଣଙ୍କୁ ରାଜ୍ୟରୁ ବିତାଡ଼ିତ କରିଛନ୍ତି।



ଏଭଳି ରାବଣ ଦରବାରରେ ପରିବେଷିତ ହେଉଛି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ। ଯାହାକୁ ଦେଖିବାକୁ ଆଖପାଖରୁ ବହୁ ଲୋକଙ୍କ ସମାଗମ ହେଉଛି। ଆଜି ସନ୍ଧ୍ୟାରେ ଦରବାରର ଅତିଥିଭାବେ ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀ ଯୋଗ ଦେଇଥିଲେ। ପରେ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଅନ୍ନପ୍ରସାଦ ସେବା କାର୍ଯ୍ୟକ୍ରମକୁ ଥାନାଧିକାରୀ ପ୍ରେମଜିତ ଦାଶ ଓ ପୁଲିସ୍ କର୍ମଚାରୀ ପରିଚାଳନା କରିଥିଲେ। ରାବଣ ଭୂମିକାରେ ବିଶିଷ୍ଟ ମଞ୍ଚ କଳାକାର ଦେଓଗାଁ ନିବାସୀ ଜଗଦାନନ୍ଦ ମିଶ୍ର ଅଭିନୟ କରୁଥିବାବେଳେ ରାମ ଭୂମିକାରେ ମହେନ୍ଦ୍ର ସେଟ୍, ଲକ୍ଷ୍ମଣ ଭୂମିକାରେ ସଚିନ ମହାପାତ୍ର, ସୀତା ଭାବେ ମଧୁସ୍ମିତା ଦାଶ, ହନୁମାନ ଭୂମିକାରେ ଶାନ୍ତନୁ ସାହୁ, ବାଲି ଭୂମିକାରେ ବୁଲୁ ପଧାନ, ଅକ୍ଷୟକୁମାର ଭୂମିକାରେ ସୁଶାନ୍ତ ସାହୁ, ଇନ୍ଦ୍ରଜିତ-ହୀରାଲାଲ ବଡ଼େଇ, ମହାମନ୍ତ୍ରୀ ଭାବେ ବଳବନ୍ତ ଭୋଇ ପ୍ରମୁଖ ଅଭିନୟ କରିଥିଲେ।

DADLS-95
ଓଡ଼ିଶା ସରକାର



ବିଶିଷ୍ଟ ସଂଗ୍ରାମୀ ତଥା
ଓଡ଼ିଶାର ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ
ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ
୮ ଫେବୃଆରୀ, ୨୦୨୪

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ

ମୁଖ୍ୟ ଅତିଥି : – ଶ୍ରୀଯୁକ୍ତ ବ୍ରଜ କିଶୋର ପ୍ରଧାନ, ମାନ୍ୟବର ବିଧାୟକ, ତାଳଚେର
ବିଶିଷ୍ଟ ଅତିଥି : – ଶ୍ରୀଯୁକ୍ତ ମୁକେଶ ପାଲ, ମାନ୍ୟବର ବିଧାୟକ, ପାଲଲହଡ଼ା
ସମ୍ମାନନୀୟା ଅତିଥି – କସ୍ତୁରୀ ମହାପାତ୍ର, ସଂପାଦକ, ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ
ମୁଖ୍ୟବକ୍ତା : – ଶ୍ରୀଯୁକ୍ତ ଦାଶ ବେନହୁର, ବିଶିଷ୍ଟ ସାହିତ୍ୟିକ ତଥା ସ୍ତମ୍ଭକାର

ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ
ଏହି ସମାରୋହରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0344/2324

**ବଳ ଦେଉଛି ମିଶନ ଶକ୍ତି**

# ମହିଳାଙ୍କୁ ସ୍ୱାବଲମ୍ବୀ କରାଇଛି ବେକରୀ ଫ୍ୟାକ୍ଟ୍ରି

**ବରଗଡ଼, ୭।୨(ସମିସ)**

ରାଜ୍ୟ ସରକାରଙ୍କ ମିଶନ ଶକ୍ତି ମାଧ୍ୟମରେ ମହିଳାମାନେ ସ୍ୱାବଲମ୍ବୀ ହେବା ସହ ସେମାନଙ୍କ ଆର୍‌ôଥକ ସ୍ଥିତି ସୁଧୁରି ପାରିଛି। କିଏ ମାଛ ଚାଷ ତ ଆଉ କିଏ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ ହୋଇ ମିଶନ ଶକ୍ତିର ସହଯୋଗ ନେଇ ବେଶ ଦୁଇ ପଇସା ରୋଜଗାର କରିପାରୁଛି। ଏପରି ଏକ ଉଦାହାରଣ ଦେଖିବାକୁ ମିଳିଛି ବରଗଡ଼ ସହରର ୱାର୍ଡ ନମ୍ବର ୧ କେଶବନଗରରେ। ଏଠାରେ ଥିବା ଶ୍ରୀମା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ମିଶନ ଶକ୍ତିକୁ ଠିକ ବୁଝି ସ୍ୱାବଲମ୍ବୀ ହୋଇପାରିଛନ୍ତି।

ବରଗଡ଼ ସହରର ୱାର୍ଡ ନମ୍ବର ୧ କେଶବନଗରର ଶ୍ରୀମା ସ୍ୱୟଂ ସହାୟକ ଗୋଷ୍ଠୀ ୯ ବର୍ଷ ପୂର୍ବେ କିଛି ମହିଳାଙ୍କୁ ନେଇ ଗଠିତ ହୋଇଥିଲା। ବର୍ତ୍ତମାନ ଏହାର ସଦସ୍ୟା ସଂଖ୍ୟା ୧୦ରେ ପହଞ୍ଚିଥିବାବେଳେ ପ୍ରଥମେ ସେମାନେ ୩ ଲକ୍ଷ ଟଙ୍କା ନେଇ ଛୋଟ ଛୋଟ ବ୍ୟବସାୟ ଆରମ୍ଭ କରିଥିଲେ। ତେବେ ଧୀରେ ଧୀରେ ସେହି ବ୍ୟବସାୟରୁ ଲାଭାନ୍ୱିତ ହେବା ସହ ସେମାନେ ଆଣିଥିବା ଋଣ ଟଙ୍କା ପରିଶୋଧ କରିବାରେ ସକ୍ଷମ ହୋଇଥିଲେ। ଦୁଇବର୍ଷ ପୂର୍ବେ ସେମାନେ ପୁଣି ୮ ଲକ୍ଷ ଟଙ୍କା ଆଣି ବେକରୀ ଫ୍ୟାକ୍ଟ୍ରି କରି ପାଉଁରୁଟି, କେକ୍, ଟୋଷ୍ଟ ଆଦି ତିଆରି କରିବା ଆରମ୍ଭ କରିଥିଲେ। ବର୍ତ୍ତମାନ ସେମାନଙ୍କ ତିଆରି ପାଉଁରୁଟି, କେକ୍‌ର ଚାହିଦା ବେଶ ରହିଥିବା ସହ ରୋଜଗାର ମଧ୍ୟ ଭଲ ହେଉଛି। ଘର କାମ ବ୍ୟତୀତ ଗୋଷ୍ଠୀର ସଦସ୍ୟାମାନେ ବେକରୀ ଫ୍ୟାକ୍ଟ୍ରିରେ ଆସି ଶ୍ରମଦାନ କରୁଛନ୍ତି।



ସମସ୍ତ ୧୦ ସଦସ୍ୟା ମାସକୁ ୪ରୁ ୫ହଜାର ଟଙ୍କା ରୋଜଗାର କରିବା ସହ ନିଜ ତଥା ପରିବାରର ଆର୍ଥିକ ଅଭିବୃଦ୍ଧିରେ ସହାୟକ ହୋଇପାରିଛନ୍ତି। ପ୍ରଶାସନ ତରଫରୁ ସେମାନଙ୍କ ତିଆରି ପାଉଁରୁଟିର ବଜାର ବ୍ୟବସ୍ଥା ସହ ଡାକ୍ତରଖାନା, ସ୍କୁଲ କଲେଜ ଆଦିରେ ଯୋଗାଣ ବ୍ୟବସ୍ଥା କରାଗଲେ ଆହୁରି ଅଧିକ ଲାଭବାନ ହୋଇପାରନ୍ତେ ବୋଲି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ପ୍ରକାଶ କରିଛନ୍ତି। ଶ୍ରୀମା ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ ମୀରା ବାରିକ, ସମ୍ପାଦିକା ମୀନତି ପାଣି, ଆରତୀ ଦାଶ, ତପସ୍ୱିନୀ ଗଡ଼ନାୟକ, ପ୍ରଭାସିନୀ ପାଣି, ଭାରତୀ ଦାଶ, ପୂର୍ଣ୍ଣିମା ପାଣିଗ୍ରାହୀ, ସନ୍ତୋଷିନୀ ମିଶ୍ର, ସୁମିତ୍ରା ବେହେରା, ସୁଷମା ବେହେରାଙ୍କ ସମେତ ସମସ୍ତ ସଦସ୍ୟାଙ୍କ ଆର୍‌ôଥକ ସ୍ଥିତି ବେଶ ସୁଧୁରି ପାରିଥିବା ଯୋଗୁଁ ସେମାନେ ରାଜ୍ୟ ସରକାରଙ୍କ ମିଶନ ଶକ୍ତି ମହିଳାଙ୍କ ପାଇଁ ସଫଳତାର ପାହାଚ ବୋଲି ଅଭିହିତ କରିଛନ୍ତି। ଏବେ ପାଉଁରୁଟି, କେକ୍, ଟୋଷ୍ଟ ତିଆରି କରୁଥିବାବେଳେ ବେକରୀ ଫ୍ୟାକ୍ଟ୍ରି ସେମାନଙ୍କୁ ଏକ ସଫଳ ସ୍ୱୟଂ ସହାୟକ ଗୋଷ୍ଠୀ ଭାବେ ପରିଚିତ କରାଇଥିବା କହିଛନ୍ତି। ଫଳରେ ସେମାନେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

## ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ଶୁଭସ୍ତମ୍ଭ ସ୍ଥାପନ

**ବରଗଡ଼, ୭।୨(ସମିସ):** ଆସନ୍ତା ୧୪ ତାରିଖରୁ ବରଗଡ଼ ଜୀରା ନଦୀ କୂଳ ପଡ଼ିଆରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବ। ସନ୍ଥକବି ଭୀମ ଭୋଇ ମହିମା ଜଗତ କଲ୍ୟାଣ ଚେରିଟେବୁଲ ଟ୍ରଷ୍ଟ ଦ୍ୱାରା ପାଞ୍ଚଦିନ ଧରି ଆୟୋଜିତ ହେବାକୁ ଥିବା ଏହି ମହାଯଜ୍ଞ ପାଇଁ ବୁଧବାର ଶୁଭସ୍ତମ୍ଭ ସ୍ଥାପିତ ହୋଇଛି। ଏହି ଅବସରରେ ସ୍ୱାମୀ ସୋମବେଶ, ଭକ୍ତ ବିନୋଦ ବାବା, ଆଇନଜୀବୀ କୁଶ ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ। ବ୍ରାହ୍ମ ମୁହୂର୍ତ୍ତରେ ଅଖଣ୍ଡ ବତୀ ପ୍ରଜ୍ୱଳନ, ଧୁନି ସ୍ଥାପନ, ନାମ ଭଜନ, ପ୍ରବଚନ ଆଦି ଅନୁଷ୍ଠିତ ହେବ। ୧୮ ତାରିଖରେ ଯଜ୍ଞ ଉଦ୍‌ଯାପିତ ହେବ। ଏହି ଅବସରରେ ପଶ୍ଚିମାଞ୍ଚଳର ବହୁ ସାଧୁସନ୍ଥ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଶୁଭସ୍ତମ୍ଭ ସ୍ଥାପନ କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ବହୁ ମହିଳା ପୁରୁଷ ସାମିଲ ହୋଇଥିଲେ।



## ଅର୍ଥ ଅଭାବ: ଚିକିତ୍ସା ପାଇଁ ଆବଶ୍ୟକ ୨୫ ଲକ୍ଷ

- ସିକିଲ ବିଟା ଥାଲସେମିଆରେ ଆକ୍ରାନ୍ତ ନାବାଳକ
- ସହଯୋଗ କରିବାକୁ ପରିବାରର ନିବେଦନ

**ଝାରବନ୍ଧ, ୭।୨(ସମିସ):** ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ ଅନଗୁଳ ଗ୍ରାମର ଯଦୁମଣି ବେହେରାଙ୍କ ୧୧ବର୍ଷର ପୁଅ କୋହିନୁର ସିକିଲବିଟା ଥାଲସେମିଆ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ପ୍ରତି



୨/୩ ସପ୍ତାହରେ ରକ୍ତର ଆବଶ୍ୟକ ହେଉଛି। ଡାକ୍ତରଙ୍କ କହିବାନୁସାରେ ବୋନ୍‌ମ୍ୟାରୋ ଟ୍ରାନ୍ସପ୍ଲାଣ୍ଟ କଲେ ସେ ଆରୋଗ୍ୟ ଲାଭ କରିପାରିବ। ଏଥି ପାଇଁ ୨୫ ଲକ୍ଷ ଟଙ୍କାର ଆବଶ୍ୟକତା ରହିଛି। ଯଦୁମଣି ପରି ଜଣେ ଗରିବ ଲୋକ ପକ୍ଷେ ଏହି ଅର୍ଥ ଯୋଗାଡ଼ କରିବା ଅସମ୍ଭବ। ତେଣୁ ସରକାରୀ, ବେସରକାରୀ ସଂସ୍ଥା କିମ୍ବା କୌଣସି ବଦାନ୍ୟ ବ୍ୟକ୍ତି ଆର୍ଥିକ ସହଯୋଗ କଲେ ତାଙ୍କ ପୁଅ ନୂତନ ଜୀବନ ଲାଭ କରି ପାରନ୍ତା ବୋଲି ପରିବାର ଲୋକେ କହିଛନ୍ତି। ବାରମ୍ବାର ଦିଲ୍ଲୀ ଓ ଅନ୍ୟାନ୍ୟ ଡାକ୍ତରଖାନା ଚିକିତ୍ସା ପାଇଁ ଯାଇ ସର୍ବସ୍ୱାନ୍ତ ହୋଇଥିବା ପରିବାର ଲୋକେ ଏଥିପାଇଁ ବଦାନ୍ୟ ବ୍ୟକ୍ତିଙ୍କ ସହାୟତା ପାଇଁ ନିବେଦନ କରିଛନ୍ତି। ଆର୍ଥିକ ସହଯୋଗ କରିବାକୁ ଚାହୁଁଥିବା ବ୍ୟକ୍ତି ଖାତା ନମ୍ବର ୪୦୬୬୧୭୭୧୫୨୦, ଆଇଏଫ୍‌ଏସ୍‌ସି -୯୬୫୦ରେ କରିପାରିବେ କିମ୍ବା ମୋବାଇଲ ଫୋନ୍ ନଂ ୭୮୯୪୬୪୫୦୦୯ରେ ଯୋଗାଯୋଗ କରିବାକୁ ପରିବାର ଲୋକେ ଅନୁରୋଧ କରିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲା ପଶ୍ଚିମ ଓଡ଼ିଶା କଳାକାର ମହାସଂଘ

**ବରଗଡ଼, ୭।୨(ସମିସ):** ମୁଖ୍ୟମନ୍ତ୍ରୀ କଳାକାର ଯୋଜନାରେ ଆହୁରି ୩୦ହଜାର କଳାକାରଙ୍କୁ ନୂତନ ହିତାଧିକାରୀ ଭାବେ ସାମିଲ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିବା ପରେ କଳାକାରଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ପୂର୍ବରୁ ୫୦ ହଜାର କଳାକାର ଏହି ଯୋଜନାରେ ସାମିଲ ହୋଇ ପ୍ରତି ମାସ ୧୨ ଶହ ଟଙ୍କା ଲେଖାଏଁ ସହାୟତା ରାଶି ପାଉଥିବା ବେଳେ ଏବେ ଆହୁରି ୩୦ ହଜାର ନୂତନ ହିତାଧିକାରୀ ସାମିଲ ହୋଇ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବାକୁ ଯାଉଥିବାରୁ ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛି। ତେବେ ଆଗରୁ ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ଆହୁରି ଏକ ଲକ୍ଷ ନୂତନ କଳାକାରଙ୍କୁ ସାମିଲ ସହିତ ସହାୟତା ରାଶି ୧୨ ଶହକୁ ବୃଦ୍ଧି କରି ୨ହଜାର କରିବା ପାଇଁ ଦାବି କରିଛି। ସେହିପରି ରାଜଧାନୀରେ କଳାକାରଙ୍କ ପାଇଁ ଏକ ଭବ୍ୟ ଲୋକ କଳାଭବନ ନିର୍ମାଣ ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କଠାରେ ଦାବି କରାଯାଇଛି ବୋଲି ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ଅଧ୍ୟକ୍ଷ ଚୈତନ୍ୟ ପାଇକ ଓ ସମ୍ପାଦକ ଗୋପବନ୍ଧୁ ପୁରୋହିତ ସୂଚନା ଦେଇଛନ୍ତି।

## ପଦ୍ମପୁର ପ୍ରାଥମିକ ସେବା ସମିତିର ବୈଠକ

**ପଦ୍ମପୁର, ୭।୨(ସମିସ):** ପଦ୍ମପୁର ପ୍ରାଥମିକ କୃଷି ସେବା ସମବାୟ ସମିତିର ବାର୍ଷିକ ସାଧାରଣ ସଭା ସମିତିର ସଭାପତି ପ୍ରୀତମ ମେହେରଙ୍କ ସଭାପତିତ୍ୱରେ ସ୍ଥାନୀୟ ମେହେର ଧର୍ମଶାଳା ଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ମାନିତ ଅତିଥି ଭାବେ ପଲସଦା ପାକ୍ସର ପୂର୍ବତନ ସଭାପତି ସତ୍ୟନାରାୟଣ ତ୍ରିପାଠୀ, ଜମଲା ପାକ୍ସ ସଭାପତି ଗଣେଶ ରାମ ଅଗ୍ରୱାଲ, ବରିକେଲ ପୂର୍ବତନ ପାକ୍ସ ସଭାପତି ପରମାନନ୍ଦ ସାହା ପ୍ରମୁଖ ଯୋଗଦେଇ ଥିଲେ। ସମ୍ପାଦକ ଗୋପାଳ ଷାଣ୍ଡ ବାର୍ଷିକ ଆୟ ବ୍ୟୟ ବିବରଣୀ ପ୍ରଦାନ କରିଥିଲେ ଓ ତାହା ସର୍ବସମ୍ମତି କ୍ରମେ ଅନୁମୋଦନ ହୋଇଥିଲା। ବୈଠକରେ ସମିତିର ସମସ୍ତ ସଭ୍ୟସଭ୍ୟା ଉପସ୍ଥିତ ଥିଲେ। ଶେଷରେ ସହ ସମ୍ପାଦକ ରାଜେଶ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



## ଧର୍ମପରାୟଣାଙ୍କ ବିୟୋଗରେ ଶୋକ

**ପଦ୍ମପୁର, ୭।୨(ସମିସ):** ପଦ୍ମପୁର ବ୍ରାହ୍ମଣପଡ଼ା ନିବାସୀ ସ୍ୱର୍ଗତ କରୁଣାକର ପଣ୍ଡାଙ୍କ ଧର୍ମପତ୍ନୀ କସ୍ତୁରୀ ପଣ୍ଡାଙ୍କ ବିୟୋଗରେ ଶୋକ ପ୍ରକାଶ ପାଇଛି। ସେ ଜଣେ ଧର୍ମପରାୟଣା, ସରଳ ଓ ପରୋପକାରୀ ମହିଳା ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ପୁଅ ଫକୀର ପଣ୍ଡା, କୃପାସିନ୍ଧୁ ପଣ୍ଡା, ଝିଅ, ଜ୍ୱାଇଁ, ନାତିନାତୁଣୀ ଉପସ୍ଥିତ ଥିଲେ। ପୁଅ ଫକୀର ପଣ୍ଡା ମୁଖାଗ୍ନି ଦେଇଥିଲେ।



## ଜାତୀୟ କୃମିନାଶକ ତାଲିମ ଶିବିର

**ପାଇକମାଳ, ୭।୨ (ସମିସ):** ପାଇକମାଳ ବ୍ଲକ ବୁକୁରାମୁଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ପାଇକମାଳ ଓ ବୁକୁରାମୁଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଜାତୀୟ କୃମିନାଶକ ଦିବସରେ କୃମି ଔଷଧ ଖୁଆଇବା ପାଇଁ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ତାଲିମ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ପାଇକମାଳରେ ପ୍ରଶିକ୍ଷକ ଭାବେ ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ଦୀପାଞ୍ଜଳି ସାହୁ ଓ ସ୍ୱାସ୍ଥ୍ୟ ପରିଦର୍ଶକ ତୁଷ କୁମାର ଚନ୍ଦ୍ରକର ତାଲିମ ପ୍ରଦାନ କରିଥିଲେ। ସେହିପରି ବୁକୁରାମୁଣ୍ଡାରେ ଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳକ ରେବତୀ ମୋହନ ଜେନା ତାଲିମ ପ୍ରଦାନ କରିଥିଲେ। ଆସନ୍ତା ୧୦ରୁ ୧୭ ତାରିଖ ପର୍ଯ୍ୟନ୍ତ ୧ ବର୍ଷରୁ ୧୯ ବର୍ଷ ବୟସ ସମସ୍ତ ଶିଶୁ ଛାତ୍ରଛାତ୍ରୀ ଓ ୨୦ରୁ ୨୪ ବର୍ଷ ବୟସର ସନ୍ତାନ ପ୍ରଜନନକ୍ଷମ ମହିଳାମାନଙ୍କୁ କୃମି ଔଷଧ ଖୁଆଯିବ। ଏହା ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ, କଲେଜ ଓ ଅଙ୍ଗନବାଡ଼ି କେନ୍ଦ୍ରରେ ଖୁଆଯିବ। ଏହି ତାଲିମରେ ପାଇକମାଳ ବ୍ଲକର ସମସ୍ତ ସ୍କୁଲ କଲେଜର ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

## ରେମଣ୍ଡାରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ଥୁଆପାଲି, ୭।୨(ସମିସ):** ରେମଣ୍ଡା ବୀର ସୁରେନ୍ଦ୍ର ସାଏ କ୍ଲବ୍ ଏବଂ ମୁରଲୀକ୍ରିଷ୍ଣା



ଫାଉଣ୍ଡେସନ-ବିକାଶ ଗ୍ରୁପ ଅଫ ହସ୍ପିଟାଲର ମିଳିତ ଆନୁକୂଲ୍ୟରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଉଦଘାଟନ କରିଥିଲେ ଅବସରପ୍ରାପ୍ତ ସରକାରୀ ଡାକ୍ତର ଡାଃ ମନୋରଞ୍ଜନ ସାହୁ। ମୁଖ୍ୟଅତିଥି ଭାବେ ବିକାଶ ଗ୍ରୁପର ପ୍ରତିଷ୍ଠାତା ଡି ମୁରଲୀ କ୍ରିଷ୍ଣା ଓ ସମ୍ମାନିତ ଅତିଥି ରେମଣ୍ଡା ପାକ୍ସ ସଭାପତି ଶିବପ୍ରସାଦ ଖମାରୀ, ପୂର୍ବତନ ରେମଣ୍ଡା ସରପଞ୍ଚ ରାମେଶ୍ୱରୀ ନନ୍ଦ ଯୋଗ ଦେଇଥିଲେ। ଯଶୋବନ୍ତ ସେଟ, ଭୀମସେନ ମଲ୍ଲିକ, ଗଣପତି ପୋଢ ଓ ତାସୁ ବାବୁ ଉପସ୍ଥିତ ଥିଲେ। ବିକାଶ ହସ୍ପିଟାଲର ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର ଏହି କାର୍ଯ୍ୟକ୍ରମରେ ୫୧୦ ଜଣଙ୍କୁ ପରୀକ୍ଷା କରି ମାଗଣାରେ ଔଷଧ ବଣ୍ଟନ କରିଥିଲେ। ୭୩ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇ ୩୦ଜଣଙ୍କ ଅସ୍ତ୍ରୋପଚାର ପାଇଁ ବରଗଡ ହସ୍ପିଟାଲ ଯିବାକୁ ପରାମର୍ଶ ଦିଆଯାଇଛି। ବିକାଶ ଗ୍ରୁପ ହସ୍ପିଟାଲ ର କର୍ମଚାରୀମାନେ ସହଯୋଗ କରିଥିଲେ। କ୍ଲବ ସଭାପତି ଜାପାନୀ ସାହୁ, ସଞ୍ଜୟ ନନ୍ଦ, ପର୍ଶୁରାମ ପାତ୍ର, ପୂର୍ଣ୍ଣଚନ୍ଦ୍ର ମେହେର, ଅଶୋକ କର, ଉମାକାନ୍ତ ହଟେଇ, ଶ୍ୟାମଚାନ୍ଦ ସାଥୁଆ, ପ୍ରହ୍ଲାଦ ମେହେର, ସୁଶୀଲ କର, ରାମକୃଷ୍ଣ ବାରିକ, ସମସ୍ତ ସଦସ୍ୟ ତଥା ଗ୍ରାମବାସୀ ସହଯୋଗ କରିଥିଲେ।

## ରାଜବୋଡ଼ାସମ୍ବର୍ ଧନୁଯାତ୍ରା ଉଦ୍‌ଯାପିତ

**ପଦ୍ମପୁର, ୭।୨(ସମିସ):** କଂସ ବଧ ସହ ରାଜ ବୋଡ଼ାସମ୍ବର୍ ଧନୁଯାତ୍ରା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ୭ଦିନ ଧରି ଗୋଇବାହଲି ମଥୁରା ନଗରୀ ଓ କର୍ମେଲାବହାଲ ଗୋପପୁରର ପାଲଟିଥିବାବେଳେ ବେଶ୍ ଆଡ଼ମ୍ବରରେ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଗୋପପୁରରେ ପ୍ରତିଦିନ ଅନ୍ନ ପ୍ରସାଦର ବ୍ୟବସ୍ଥା ହୋଇଥିଲା। ଯମୁନା ତୀରେ ଶ୍ରୀକୃଷ୍ଣଙ୍କ ପଦଯୁଗଳ ଦର୍ଶନ ପରେ କୃଷ୍ଣ ବଳରାମଙ୍କ ସହ ଅକ୍ରୁର ନଗର ପରିଭ୍ରମଣ କରିଥିଲେ। ଗୋପୀମାନେ ନଗର ବୁଲି ଦହି ବିକ୍ରି କରିଥିଲେ। ଏହି ଅବସରରେ ରଜକ ବଧ ସହ କୁବୁଜା ଉଦ୍ଧାର ହୋଇଥିଲା। କୃଷ୍ଣ ବଳରମ ଦରବାର, ଶିବଧନୁ ଭଗ୍ନ ସହ ମହାରାଜ କଂସଙ୍କ ସହିତ ରଣ ଯୁଦ୍ଧ ହୋଇଥିଲା। ଯୁଦ୍ଧରେ କଂସ ବଧ ସହ ମଥୁରା ରାଜ୍ୟରେ ଉଗ୍ରସେନଙ୍କ ରାଜ୍ୟାଭିଷେକ ହୋଇଥିଲା। ରାଜ ଦରବାରରେ ଧନୁଯାତ୍ରା ସଭାପତି ଭୋଜରାଜ ସିଂ ବରିହା, ପୂର୍ବତନ ବରଗଡ଼ ସାଂସଦ ପ୍ରଭାସ ସିଂ, ଗୌରହରି ମିଶ୍ର, ଭାବନା ସିଂ, ହୃଦାନନ୍ଦ ବାରିକ, ରାଜେନ୍ଦ୍ର ରାଉତ, ରାଜୁ ଘିବେଲାଙ୍କ ସମେତ ଅନେକ ରାଜ ଅତିଥି ଯୋଗ ଦେଇଥିଲେ। ପରେ ଦରବାରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଧନୁଯାତ୍ରାରେ ମୀନା ବଜାର, ପଲ୍ଲିଶ୍ରୀ ମେଳା, ଅପେରା ଏବଂ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମରେ ଦର୍ଶକଙ୍କ ସମାଗମ ହୋଇଥିଲା।



## ଛାତ୍ରୀଙ୍କ ଆତ୍ମ ସୁରକ୍ଷା କୌଶଳ ଶିକ୍ଷା

**ବରଗଡ଼, ୭।୨(ସମିସ):** ବରଗଡ଼ ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀମାନଙ୍କ ଆତ୍ମ ସୁରକ୍ଷା ପାଇଁ ବିଭିନ୍ନ କୌଶଳର ପ୍ରଶିକ୍ଷଣ ଶିବିର ଶୁଭାରମ୍ଭ ହୋଇଯାଇଛି। ପ୍ରଧାନଶିକ୍ଷକ ସୁଦୀପ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ଶିକ୍ଷୟିତ୍ରୀ ଜ୍ୟୋସ୍ନାମୟୀ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଶିକ୍ଷିକା ଝରଣା ଦାଶ, ସ୍ନେହଲତା ମହାରଣା ପ୍ରମୁଖ ଯୋଗଦେଇ କିପରି ଛାତ୍ରୀମାନେ ନିଜକୁ ସୁରକ୍ଷିତ ରଖିପାରିବେ ସେ ବିଷୟରେ ବିଭିନ୍ନ ଉପାଦେୟ ପରାମର୍ଶ ପ୍ରଦାନ କରିବା ସହ ପ୍ରତ୍ୟକ୍ଷ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ଶିବିର ପାଞ୍ଚ ଦିନ ପର୍ଯ୍ୟନ୍ତ ଚାଲିବ ବୋଲି ପ୍ରଶିକ୍ଷିକା ଝରଣା ଦାଶ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

**■ ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟ**

## ୯ରେ ଜାତୀୟ ସମ୍ମାନ 'ଏନ୍‌ଇପି ୨୦୭୦'

**ପଦ୍ମପୁର ୭।୨ (ସମିସ):** ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟ ପରିସରରେ ଆଇସିଏସ୍‌ଏସ୍‌ଆର୍ ଆନୁକୂଲ୍ୟରେ ଜାତୀୟ ସମ୍ମାନ ଶୀର୍ଷକ ଏନ୍‌ଇପି ୨୦୭୦ ଆରମ୍ଭ ହେବ ବୋଲି ଅଧ୍ୟକ୍ଷ ଲଳିତ ପଣ୍ଡା, କନ୍‌ଭେନର୍ ଭେଙ୍କଟେଶ୍ୱର ମେହେର, ସେକ୍ରେଟାରୀ ଡ. ବିରଞ୍ଚି ସାହୁ, କୋ-ଅର୍ଡିନେଟର ଡ.ତୁଷାରକାନ୍ତ ସାହୁ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ୧୦ଟି ଅନ୍ୟରାଜ୍ୟର ପ୍ରଫେସର ଓ ଓଡ଼ିଶାର ୨୦ ଜଣ ଅଧ୍ୟାପକ ଯୋଗଦାନ କରି ସନ୍ଦର୍ଭ ଉପସ୍ଥାପନ କରିବେ। ଉପଖଣ୍ଡର ସମସ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ସହ ଜଣେ ଲେଖାଏ ଅଧ୍ୟାପକ ଯୋଗଦାନ କରିବେ। ପ୍ରଥମ ଦିନରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ଓ ଦ୍ୱିତୀୟ ଦିବସରେ ପଦ୍ମପୁର ଅତିରିକ୍ତ ଜିଲ୍ଲାପାଳ ଚଭନ କୁନାଲ ମୋତିରାମ ମୁଖ୍ୟ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଅଧ୍ୟାପକ ପ୍ରମୋଦ ତ୍ରିପାଠୀ, ପ୍ରଭାତ ମହାପାତ୍ର, ତାରାପ୍ରସାଦ ଶତପଥୀ, ନବକୁମାର ମିଶ୍ର କାର୍ଯ୍ୟକ୍ରମରେ ସହଯୋଗ କରିବେ। ଏମ୍‌ସିଏଲ୍ ବୁର୍ଲା ମଧ୍ୟ କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ସହଯୋଗ କରିବ ବୋଲି ଜଣାପଡ଼ିଛି।

## ବିଦ୍ୟୁତ ସମସ୍ୟାର ସମାଧାନ ନେଇ ଆଲୋଚନା

**ବରଗଡ଼, ୭।୨(ସମିସ):** ବରଗଡ଼ ସହର ତଥା ଆଖପାଖ ଅଞ୍ଚଳରେ ଲାଗି ରହିଥିବା ବିଦ୍ୟୁତ ସମସ୍ୟାର ସମାଧାନ ପାଇଁ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ସାଧୁ ନେପାକ ବିଭାଗୀୟ ମୁଖ୍ୟ ଅଧିକାରୀଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି। ବରଗଡ଼ ସହରର ୱାର୍ଡ ନମ୍ବର ୨ ସମେତ ଅନ୍ୟ ସ୍ଥାନରେ ଘର ଉପରେ ଯାଇଥିବା ୧୧କେଭି ବିଦ୍ୟୁତ୍ ତାର ସହ ବିପଦସଙ୍କୁଳ ବିଦ୍ୟୁତ ଖୁଣ୍ଟ ସ୍ଥାନାନ୍ତରଣ କରିବାକୁ ଦାବି କରିଥିଲେ। ଏହା ସହ ମୁକୁଳା ଟ୍ରାନ୍ସଫର୍ମର ଚାରିପାଖରେ ପାଚେରି ନିର୍ମାଣ ସହ ଚାଷୀମାନଙ୍କ ପାଇଁ ନଳକୂପ ଖନନ କରିଥିଲେ ମଧ୍ୟ ବିଦ୍ୟୁତ ସଂଯୋଗ ଦିଆଯାଉ ନ ଥିବା ନେଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।



**ଲେମଧର ସେବାଶ୍ରମର ବାର୍ଷିକୋତ୍ସବ**

## ସାମାଜିକ ପରିବର୍ତ୍ତନ ପାଇଁ ଭଲ ମଣିଷ ଆବଶ୍ୟକ

**ବିଜେପୁର, ୭।୨(ସମିସ)**

ସାମାଜିକ ପରିବର୍ତ୍ତନ ପାଇଁ ଭଲ ମଣିଷ ଆବଶ୍ୟକ। ଭଲ ମଣିଷ ହେବାକୁ ପିଲାଟି ଦିନରୁ ମୂଳଦୁଆ ପଡ଼ିଥାଏ। ଏହା କେବଳ ବିଦ୍ୟାଳୟରୁ ନୁହେଁ, ବରଂ ପରିବାର ସଦସ୍ୟଙ୍କ ଆଚରଣ ଓ ଉଚ୍ଚାରଣରୁ ତା' ଭିତରେ ଦୟା କ୍ଷମା, ଶାନ୍ତି, ସହିଷ୍ଣୁତା, ପରୋପକାର ମନୋଭାବ ଜାଗ୍ରତ ହୁଏ। ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଲେମଧର ସେବାଶ୍ରମର ବାର୍ଷିକୋତ୍ସବରେ ଅତିଥିଗଣ ଏହି ମତପ୍ରକାଶ କରିଥିଲେ। ବ୍ଲକ ସାମାଜିକ ମଙ୍ଗଳ ଅଧିକାରୀ ଐଶ୍ୱର୍ଯ୍ୟା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନଶିକ୍ଷକ ଅଶୋକ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ସିଆର୍‌ସିସି ରାଜେଶ୍ୱର ବେହେରା ମୁଖ୍ୟବକ୍ତା,



ସ୍କୁଲ ପରିଚାଳନା କମିଟିର ଚେୟାରମେନ ବୀଣା ମଲ୍ଲିକ, ସାଇପାଲି ସେବାଶ୍ରମର ପ୍ରଧାନ ଶିକ୍ଷକ ରଘୁନାଥ ସାହୁ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଥିଲେ। ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଶିକ୍ଷୟିତ୍ରୀ ଟିକେଶ୍ୱରୀ ସେଠ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର ସଫଳ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷୟିତ୍ରୀ ନମିତା ବେହେରା ସମାରୋହକୁ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସ୍କୁଲ ପରିଚାଳନା କମିଟିର ସଦସ୍ୟମାନେ ସହଯୋଗ କରିଥିଲେ।

ବ୍ରଜରାଜନଗରରେ ସିବିଆଇ ରେଡ୍

# ଲାଞ୍ଚ ନେଇ ଧରାପଡ଼ିଲେ ଏମ୍‌ସିଏଲ ଫାଇନାନ୍ସ ମ୍ୟାନେଜର

**ସମ୍ବଲପୁର,୭।୨(ସମିସ):** ଲାଞ୍ଚ ନେଉଥିବାବେଳେ କୋଇଲାଖଣି ଅଧିକାରୀଙ୍କୁ ମାଡ଼ି ବସିଲା ସିବିଆଇ। ବ୍ରଜରାଜନଗର ଇବ ଭ୍ୟାଲି ଏରିଆ ସମଲେଶ୍ୱରୀ ଓପନ କାଷ୍ଟ ପ୍ରୋଜେକ୍ଟ ଅଫିସରେ କାର୍ଯ୍ୟରତ ଫାଇନେନ୍ସ ମ୍ୟାନେଜର ରାଜେଶ ବୋଡିଦା ଲାଂଚ ନେଉଥିବାବେଳେ ସିବିଆଇ ହାତରେ ଧରାପଡ଼ିଥିବା ସୂଚନା ମିଳିଛି। ସୂଚନା ଅନୁସାରେ ଜଣେ ଠିକାଦରଙ୍କଠାରୁ ଲାଞ୍ଚ ନେଉଥିବା ଖବର ପାଇ ସିବିଆଇ ଟିମ୍ ମାଡିବସିଥିଲା। ତେବେ ସନ୍ଧ୍ୟା ୬ଟାରେ ଏହି ଘଟଣା ଘଟିଥିବାବେଳେ ସିବିଆଇ ଅଧିକାରୀ କୌଣସି ତଥ୍ୟ ଦେଇନାହାନ୍ତି। ତେବେ ଏହି ଚଢାଉରେ ୧୨ରୁ ଅଧିକ ସିବିଆଇ କର୍ମଚାରୀ ସାମିଲଥିବାବେଳେ ଓପନ କାଷ୍ଟ ପ୍ରୋଜେକ୍ଟ ଅଫିସ ପସିବା କ୍ଷଣି ଅଫିସ ବାହାରେ ତାଲା ପକାଇଥିଲେ। ତେବେ କେତେ ଟଙ୍କା ମିଳିଛି, ଫାଇନେନ୍ସ ମ୍ୟାନେଜର ଗିରଫ କି ଅଟକ ସେନେଇ କୌଣସି ସୂଚନା ଦେଇ ନାହାନ୍ତି।

# କୋରେକ୍ସ ଜବତ, ଜଣେ ଗିରଫ

**ବୁର୍ଲା, ୭।୨(ସମିସ):** ବୁର୍ଲା ପୁଲିସ ଦ୍ୱାରା ବେଆଇନ କୋରେକ୍ସ ଜବତ କରାଯିବା ସହ ଜଣକୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ବୁର୍ଲା ସହର ବଲେର୍ ପଡ଼ାର ମହେଶ ସିଂ (୨୪)। ପୁଲିସ ଅଭିଯୁକ୍ତଙ୍କ ଠାରୁ ୨୩ଟି ବେଆଇନ କୋରେକ୍ସ ବୋତଲ ଜବତ କରିଛି। ଅଭିଯୁକ୍ତ ଜଣକ ଯୁବଗୋଷ୍ଠୀଙ୍କୁ କୋରେକ୍ସ ବିକ୍ରି କରୁଥିବା ପୁଲିସ ଖବର ପାଇ ଚଢାଉ କରିଥିଲା। ଅଭିଯୁକ୍ତ ଠାରୁ ୨୩ ବୋତଲ ବେଆଇନ କୋରେକ୍ସ ଜବତ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହାସହ ଅଭିଯୁକ୍ତ ଜଣକ କେଉଁଠାରୁ କୋରେକ୍ସ ଆଣିଥିଲେ ତାର ତଦନ୍ତ କରୁଛି ବୁର୍ଲା ପୁଲିସ।

# ଅନୁସମ୍ପ୍ରସାରଣ କର୍ମୀଙ୍କ ତାଲିମ ଶିବିର



**କୁଚିଣ୍ଡା, ୭।୨ (ସମିସ):** ସମ୍ବଲପୁର କୃଷି ଜିଲ୍ଲା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଏବଂ କୁଚିଣ୍ଡା କୃଷି ଜିଲ୍ଲା ଅଧିକାରୀଙ୍କ ସହାୟତାରେ କୁଚିଣ୍ଡା ସ୍ଥିତ ଟାଉନ ହଲ ଠାରେ କୃଷି କାର୍ଯ୍ୟ ପାଇଁ ଉପଖଣ୍ଡର ଅନୁସମ୍ପ୍ରସାରଣ କର୍ମୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟ ଅତିଥି ରୂପେ ଉମାଶଙ୍କର ମିଶ୍ର ଜିଲ୍ଲା କୃଷି ଅଧିକାରୀ ସମ୍ବଲପୁର ଯୋଗ ଦେଇଥିଲେ। ଉନ୍ନତମାନର କୃଷି କାର୍ଯ୍ୟ ଏବଂ କମ୍ ସମୟ ଭିତରେ କମ ପରିଶ୍ରମ ଫଳରେ ଚାଷୀ କିପରି ଅଧିକ ଲାଭବାନ ହୋଇପାରିବେ ସେ ନେଇ ଦିଗଦର୍ଶନ ଦେଇଥିଲେ। ଠିକ୍ ସେହିପରି ଜିଲ୍ଲା ସହକାରୀ କୃଷି ଅଧିକାରୀ ଟଙ୍କଧର ନାଗ ଏବଂ କୁଚିଣ୍ଡା କୃଷି ଜିଲ୍ଲା ଅଧିକାରୀ କାର୍ତ୍ତିକ ଚନ୍ଦ୍ର ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଚାଷ କାର୍ଯ୍ୟ ଓ ଚାଷୀଙ୍କୁ କିପରି ଗାଁକୁ ଯାଇ ଚାଷ କାର୍ଯ୍ୟରେ ବ୍ୟବହୃତ ସାର, ଖତ, ଔଷଧ ଆଦିର ସଦ୍ ବିନିଯୋଗ କରାଯାଇପାରିବ ସେ ନେଇ ଅନୁସମ୍ପ୍ରସାରଣ କର୍ମୀଙ୍କୁ ପ୍ରବର୍ତ୍ତାଇ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କୁଚିଣ୍ଡା ଗୋଷ୍ଠୀ କୃଷି ଅଧିକାରୀ ସସ୍ମିତା କିରୋ, ଜମନକିରା ସହକାରୀ କୃଷି ଅଧିକାରୀ ତନ୍ମୟ ମୁର୍ମୁ, ବାମରା ସହକାରୀ କୃଷି ଅଧିକାରୀ ପୃଥ୍ୱୀରାଜ ଭୋଇ, କେଶେଇବାହାଲ ସହକାରୀ ଅଧିକାରୀ ଚନ୍ଦ୍ରଭାନୁ ମାଝୀ, ସହକାରୀ କୃଷି ଅଧୀଦର୍ଶିକା ରୋଜାଲିନ ପ୍ରଧାନ, ଏଟିଏମ ମାନସ ପଟେଲ ପ୍ରମୁଖ ଶତାଧିକ କର୍ମୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

ଗୋପାଳଜୀ ମଠ ତଳେ ଅନାଲୋଚିତ ସୁଡ଼ଙ୍ଗ

# ବୁଢ଼ାରଜା-ସମଲେଇ ମନ୍ଦିର, ପପଙ୍ଗା-ବାରପାହଡ଼ ସୁଡ଼ଙ୍ଗର ଅଛି କି ସମ୍ପର୍କ ?

**ସମ୍ବଲପୁର,୭।୨(ସମିସ)**

ସମ୍ବଲପୁର ସମଲେଇ ମନ୍ଦିର ନିକଟରେ ଥିବା ଗୋପାଳଜୀ ମଠ ତଳେ ଏକ ସୁଡଙ୍ଗ ଆଜି ଠାବ ହୋଇଛି। ସୁଡ଼ଙ୍ଗଟି କେଉଁ ସମୟର ଓ କେତେ ଦୂର ଯାଏଁ ଲମ୍ବି ରହିଛି ସେନେଇ କାହାରି ପାଖରେ କୌଣସି ଠୋସ୍ ସୂଚନା ନାହିଁ । ସମ୍ବଲପୁର ସମେଲେଇ ମନ୍ଦିର ନିକଟରେ ଥିବା ଏହି ମଠ ତଳେ ଏକ ସୁଡଙ୍ଗ ଥିବା ନେଇ ପୂର୍ବରୁ କୌଣସି ଆଲୋଚନା ଶୁଣିବାକୁ ମିଳେ ନାହିଁ। ଅନ୍ୟପକ୍ଷରେ ସମ୍ବଲପୁର ଜିଲ୍ଲାରେ ଅନକେ ସୁଡଙ୍ଗ ଥିବା ଐତିହାସିକ କହନ୍ତି। ବରଗଡ ଜିଲ୍ଲା ପପଙ୍ଗା ପାହାଡରୁ ବାରପାହଡ ଯାଏଁ ମଧ ଏକ ସୁଡ଼ଙ୍ଗ ରହିଥିବା ଲୋକ କଥା ରହିଛି। ସେହି ସମୟର ରାଜାମାନେ ବାହ୍ୟ ଶତ୍ରୁ ଆକ୍ରମଣରୁ ରକ୍ଷା ସମେତ ଯୁଦ୍ଧ ଗୋଟି ଚାଳନା ପାଇଁ ଏହି ସୁଡ଼ଙ୍ଗ କରିଥିଲେ। ଏହା ସହ ବୀର ସୁରେନ୍ଦ୍ର ସାଏ ଓ ତାଙ୍କ ପୂର୍ବଜଙ୍କ ସମୟରୁ ବୁଡାରଜା ପାହାଡଠାରୁ ସମଲେଇ ମନ୍ଦିର ଯାଏଁ ଏକ ସୁଡ଼ଙ୍ଗର ବ୍ୟବହାର କରୁଥିଲେ। ତେବେ ଆଜି ବି ବୁଢ଼ାରଜା ପାହାଡ଼ରେ ସେହି ସୁଡ଼ଙ୍ଗର ମୁଖ୍ୟ ଦ୍ୱାର ରହିଛି। ମନ୍ଦିର ପାଖରେ ବୁଢ଼ାରଜାର ସୁଡ଼ଙ୍ଗ ଥିବା ଦେଖିବାକୁ ମିଳେ। ତେବେ ରକ୍ଷଣାବେକ୍ଷଣ ଅଭାବରୁ ସେହି ସୁଡଙ୍ଗ ବର୍ତ୍ତମାନ ପୋତି ହୋଇ ଗଲାଣି; ନହେଲେ ରାଜା ରାଜୁଡା ଶାସନ ସମୟର ଅନେକ ତଥ୍ୟ ସାମ୍ନାକୁ ଆସିବା ସହ ସମ୍ବଲପୁର ଇତିହାସର ଏକ ଅନାଲୋଚିତ ସୁପ୍ତ ଇତିହାସ ସାମ୍ନାକୁ ଆସିପାରନ୍ତା।







## ଗୋପାଳଜୀ ମଠର କିମ୍ବଦନ୍ତୀ

୪୦୦ ବର୍ଷ ପୁରୁଣା ଗୋପାଳଜୀ ମଠ ହେଉଛି ପଶ୍ଚିମ ଓଡିଶାର ପ୍ରଥମ ମଠ | ଯେତେବେଳେ ମାଁ ସମଲେଇ ମନ୍ଦିରରେ ରାଜା ନରବଳୀ ଦେଉଥିଲେ ସେହି ସମୟରେ ବିହାରୀ ଦାସ ନାମକ ଜଣେ ପରିବ୍ରାଜକଙ୍କୁ ବଳି ଦେବା ପାଇଁ ରାଜାଙ୍କ ସୈନ୍ୟ ଧରି ଆଣିଥିଲେ | ତେବେ ସେହି ସମୟରେ ସେ ନରବଳୀକୁ ବିରୋଧ କରିବା ସହ ମାଁ କେବେ ନରବଳୀ ଚାହେଁ ନାହିଁ ବୋଲି କହିବା ସହ ନିଜକୁ ମନ୍ଦିର ଗମ୍ଭୀରା ଭିତରେ ଛାଡିଦେବାକୁ କହିଥିଲେ | ଏହାସହ ମାଁଙ୍କୁ ଯଦି ନରବଳୀ ଦରକାର ତେବେ ସେ ଆଉ ଗମ୍ଭୀରା ଭିତରୁ ଜୀବନ୍ତ ଫେରିବେ ନାହିଁ ବୋଲି କହିଥିଲେ | ହେଲେ ପରଦିନ ସକାଳୁ ବିହାରୀ ଦାସ ଜୀବନ୍ତ ଫେରିବା ପରେ ରାଜାଙ୍କୁ ମଧ ବିହାରୀ ଦାସଙ୍କ କଥାରେ ବିଶ୍ୱାସ ହେବା ସହ ରାଜା ଗୋପାଳଜୀ ମଠରେ ପ୍ରଥମ ମହନ୍ତ ଭାବେ ତାଙ୍କୁ ଅବସ୍ଥାପିତ କରିଥିଲେ | ଏହା ସହ ମହନ୍ତ ପ୍ରଥା ଆରମ୍ଭ ହେବା ସହ ସବୁ ଦିନ ପାଇଁ ନରବଳୀ ବନ୍ଦ ହୋଇଥିଲା | ପଶ୍ଚିମ ଓଡିଶାରେ ବୈଷ୍ଣବ ପରମ୍ପରାର ପ୍ରଚଳନ ନଥିବା ସମୟରେ ଏହି ମଠର ସ୍ଥାପନା ହୋଇଥିଲା | ଦିନ ଥିଲା ସେହି ମଠରେ ଥିବା ସଂସ୍କୃତ ଟୋଲରେ ରହି ଶହ ଶହ ପିଲା ପାଠ ପଢୁଥିଲେ । ଗରିବ ଶ୍ରେଣୀର ପିଲାମାନେ ଏଠାରେ ରହି ସ୍କୁଲ କଲେଜ ଶିକ୍ଷା ସମ୍ପନ୍ନ କରୁଥିଲେ । ଯେଉଁ ମାନେ କି ପରବର୍ତ୍ତି ସମୟରେ ଉଚ୍ଚ ପଦ ପଦବୀରେ ଅବସ୍ଥାପିତ ହୋଇଥିଲେ । ସମ୍ବଲପୁର ରାଜଙ୍କ ଦ୍ୱାରା ସ୍ଥାପିତ ଗୋପାଳଜୀ ମଠରେ ରାଧାକୃଷ୍ଣ ଓ ଜଗନ୍ନାଥଙ୍କ ମନ୍ଦିର ରହିଛି ।

# ୨୦ତମ 'ସୁରଘୁଙ୍ଗୁର' ପ୍ରତିଭା ସମ୍ମାନ

**ରେଢ଼ାଖୋଲ,୭।୨(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ କଦମ୍ବ ପଡ଼ିଆ ଠାରେ ରେଢ଼ାଖୋଲ ଅଞ୍ଚଳର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ସୁରଘୁଙ୍ଗୁର ପକ୍ଷରୁ ୨୦ ତମ ରାଜ୍ୟସ୍ତରୀୟ ସୁରଘୁଙ୍ଗୁର ମହୋତ୍ସବ ର ପ୍ରତିଭା ସମ୍ମାନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଞ୍ଚଳର କଳା ସଂସ୍କୃତି ଓ ଲୁକ୍କାୟିତ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବାର ର ଏକ ଭିନ୍ନ ପ୍ରୟାସ ଜାରି ରଖି ସୁରଘୁଙ୍ଗୁର ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ପ୍ରଥମ ଦିନରେ ସଚେତନ୍ତାର ବାର୍ତ୍ତା ନେଇ ଏକ ମାରାଥନ ଆୟୋଜନ, ଦ୍ୱିତୀୟ ଦିନରେ ଭୀମଭୋଇ କଳା ମଣ୍ଡପରେ ବ୍ଲକ ଅଧକ୍ଷ ପ୍ରଦୀପ ପ୍ରଧାନ ଯୋଗଦେଇ ପ୍ରତିଭା ସମ୍ମାନ ଉଦଘାଟନ କରିଥିଲେ। ଏଥିରେ କୃଷ୍ଣ ଗୁରୁ, ଦଣ୍ଡ ନୃତ୍ୟ, ସଙ୍କୀର୍ତ୍ତନ ମଣ୍ଡଳୀ ସମେତ ବିଭିନ୍ନ ପାରମ୍ପରିକ ଲୋକକଳା ପ୍ରଦର୍ଶନ ହୋଇଥିଲା। ତୃତୀୟ ଦିନରେ ମୁଖ୍ୟ ଅତିଥି ଭାବରେ ସଂସ୍କୃତି ପ୍ରେମୀ ମାନିନୀ ମିଶ୍ର ଯୋଗ ଦେଇଥିଲେ। ଏଥିରେ ସଙ୍ଗୀତ ପ୍ରତିଯୋଗିତା, ସମ୍ବଲପୁରୀ ଫେସନ ସୋ ଓ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଚାରକ ଭାବରେ ଉମାକାନ୍ତ ମହାନନ୍ଦ, ବିଜୟ ଚନ୍ଦ୍ର ବେହେରା, ଶକୁନ୍ତଳା ଜେନା, କୃଷ୍ଣ ଚନ୍ଦ୍ର ମେହେର ପ୍ରମୁଖ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତା ରେ କୃତି ପ୍ରତିଯୋଗୀ ମାନଙ୍କୁ ମାନପତ୍ର ସହିତ ପୁରସ୍କୃତ କରାଯାଇଥିଲା। ଏଥିରେ ଅନୁଷ୍ଠାନ ଆବାହକ ରମାକାନ୍ତ ମହାନନ୍ଦ, ସଭାପତି ସୁଶାନ୍ତ ନାଗ, ଉପ ସଭାପତି ରଶ୍ମିରଞ୍ଜନ ଖଡିରତ୍ନ, କୋଷାଧ୍ୟକ୍ଷ ତପନ କୁମାର ବିଶ୍ୱାଳ, ସହ ସମ୍ପାଦକ ଗଜାନନ ଭେସରା, ନନ୍ଦୁ ମିରି, ସୁଭଦ୍ରା ଭବସାଗର, ମାନସ ଭେସରା, କେତନ ସାହୁ, ନୀଳାମ୍ବର ପ୍ରମୁଖ ସମେତ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିଲେ।




# ନୂଆ ଅତିରିକ୍ତ ଜିଲ୍ଲାପାଳଙ୍କ ଯୋଗଦାନ

**ସମ୍ବଲପୁର, ୭।୨(ସମିସ):** ଆଜି ନୂତନ ଅତିରିକ୍ତ ଜିଲ୍ଲାପାଳ ଭାବେ ସମ୍ବିତ କୁମାର ଗଡ଼ନାୟକ ଯୋଗ ଦେଇଛନ୍ତି। ପୂର୍ବରୁ ସେ ଇଡ୍‌କୋ ଭୁବନେଶ୍ୱର ଠାରେ ଲ୍ୟାଣ୍ଡ ଅଫିସର ଭାବେ କାର୍ଯ୍ୟରତ ଥିଲେ। ଆଜି ବିଦାୟୀ ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀ ସାହୁ ଓଡ଼ିଶା ସରକାରଙ୍କ କୃଷି ଓ ସଶକ୍ତିକରଣ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି ହୋଇଛନ୍ତି।



# ଚାର୍ଟର୍ଡ ଆକାଉଣ୍ଟିଂ ପାଇଁ କ୍ୟାରିୟର କାଉନସେଲିଂ



**ସମ୍ବଲପୁର, ୭।୨(ସମିସ):** ଇନଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାସ୍ ଅଫ୍ ଇଣ୍ଡିଆର ପୂର୍ବ ଆଞ୍ଚଳିକ ପରିଷଦ ସମ୍ବଲପୁର ଶାଖା ପକ୍ଷରୁ ଚିପଲିମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନବମ ଓ ଦଶମ ଛାତ୍ରଛାତ୍ରୀମାନଙ୍କ ପାଇଁ ଚାର୍ଟାର୍ଡ ଆକାଉଣ୍ଟିଂ ପାଠ୍ୟକ୍ରମ ବିଷୟରେ ଜ୍ଞାନ ପ୍ରଦାନ ପାଇଁ ଏକ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମର ଅନୁଷ୍ଠିତ ହୋଇଛି। ସିଏ ନବୀନ କୁମାର ତିୱାରୀ ଚାର୍ଟାର୍ଡ ଆକାଉଣ୍ଟିଂ ପାଠ୍ୟକ୍ରମ ଏବଂ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ହେବା ପରେ ପାଠ୍ୟକ୍ରମର ପର୍ଯ୍ୟାୟ ଏବଂ ଉପକାର ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ସମ୍ବଲପୁର ଶାଖାର ଚେୟାରମ୍ୟାନ ସିଏ ପ୍ରଣବ ଲାଥ କାର୍ଯ୍ୟକ୍ରମର ଅଧକ୍ଷତା କରିଥିଲେ। କାର୍ଯ୍ୟକ୍ରମ ଆୟୋଜନ ପାଇଁ ପରାମର୍ଶ ଦେଇଥିବାରୁ ସିଏ ରାଜେନ୍ଦ୍ର ଅଗ୍ରୱାଲ ସ୍କୁଲର ପ୍ରଧାନ ଶିକ୍ଷକ ଲମ୍ବୋଦର କୁମ୍ଭାରଙ୍କୁ ଧନ୍ୟବାଦ ଦେଇଥିଲେ।

# ଶିଶୁ ମନ୍ଦିରରେ ଜେଜେମା-ଜେଜେବାପା ସମ୍ମିଳନୀ

**ନାକଟିଦେଉଳ, ୭।୨(ସମିସ):** ନାକଟିଦେଉଳ ବ୍ଲକ ଜଗନ୍ନାଥ ପ୍ରସାଦ ସରସ୍ୱତୀ ଶିଶୁ ମନ୍ଦିର ଠାରେ ଜେଜେବାପା ଜେଜେମା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀରେ ସମାଜସେବୀ ବଲ୍ଲଭ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ବିଜୟ କୁମାର ସାହୁ ଶିଶୁ ପ୍ରତି ଜେଜେମାଆ ଜେଜେବାପା ମାନଙ୍କର ଭୂମିକା ଓ କର୍ତ୍ତବ୍ୟ ଏବଂ ଆଗାମୀ ପୀଢ଼ିର ଦାୟଦ ଗଠନରେ ଜେଜେମାଆ ଜେଜେବାପାଙ୍କ ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ଏହାପରେ ଶିଶୁମାନଙ୍କ ଦ୍ୱାରା ଭାରତୀୟ ସଂସ୍କୃତି ଓ ମୂଲ୍ୟବୋଧ ଆମ ପରମ୍ପରାକୁ ଜାଣିବା ପାଇଁ ଓଡ଼ିଆ ଭାଗବତ ପାଠ କରିଥିଲେ। ବିଦ୍ୟାଳୟର ଗୁରୁମା ମମତା ଦେହୁରୀ ବୋଧକଥା କହିଥିବା ବେଳେ ଶିଶୁ ଭଉଣୀ ବର୍ଷାରାଣୀ ପ୍ରଧାନଙ୍କ ଦ୍ୱାରା ସଙ୍ଗୀତ ଗାନ କରାଯାଇଥିଲା। ମୁଖ୍ୟ ଅତିଥି ଭକ୍ତ ବଲ୍ଲଭ ପ୍ରଧାନ ଜେଜେମା-ଜେଜେବାପା ମାନଙ୍କର ନାତି ନାତୁଣୀଙ୍କ ପ୍ରତି ଥିବା ସ୍ନେହ, ପ୍ରେମ ଓ ଭଲ ପାଇବା କଥା କହିଥିବା ସହିତ ଶିଶୁର ସଂସ୍କାର ବିଷୟରେ ମଧ କହିଥିଲେ। ଶିଶୁ ମନ୍ଦିର ପରିଚାଳନାର ସଦସ୍ୟ ଶରତ ଚନ୍ଦ୍ର ବାରିକ ଅଜାଆଇ, ଜେଜେମାଆ ଜେଜେବାପାଙ୍କ ଠାରୁ ଶିଶୁ ଗପ, ହିତ ଉପଦେଶ ଆଦି ଶିକ୍ଷା କରିବା ଦିଗରେ ନିଜର ବକ୍ତବ୍ୟ ରଖିଥିଲେ। ଜେଜେମାଆ, ଜେଜେବାପା ମାନଙ୍କ ମନୋରଞ୍ଜନ ପାଇଁ ଶିଶୁ ବାଟିକା ଓ ପଞ୍ଚମ ଶ୍ରେଣୀର ଭାଇ ଭଉଣୀ ମାନେ ନୃତ୍ୟ ପରିବେଷଣ କରିଥିଲେ। ବିଦ୍ୟାଳୟର ଗୁରୁଜୀ ରଞ୍ଜନ ନାଏକ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ସହଯୋଗ କରିଥିଲେ।



ସ୍ୱାବଲମ୍ବୀ କଲା 'ମିଶନ ଶକ୍ତି'

# ଟେରାକୋଟା ମାଟିର କଳାକୃତି ଓ ସାମଗ୍ରୀରେ ମହିଳା ଆତ୍ମନିର୍ଭରଶୀଳ

**ରେଢ଼ାଖୋଲ,୭।୨(ସମିସ)**

ରାଜ୍ୟ ସରକାରଙ୍କ ଓଡ଼ିଶା ଜୀବିକା ମିଶନ୍ ଯୋଜନାରେ ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ କଦଳୀଗଡ଼ ଗ୍ରାମ ପଞ୍ଚାୟତ ଅଧୀନ କୁମ୍ଭକାର ସାହିର ବାସିନ୍ଦା ରତ୍ନେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ଟେରାକୋଟାରେ ମାଟିରେ ବିଭିନ୍ନ ପ୍ରକାର ସାମଗ୍ରୀ ତିଆରି କରି ନିଜେ ସ୍ୱାବଲମ୍ବୀ ହୋଇ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। କଦଳୀଗଡ଼ ଗ୍ରାମ କୁମ୍ଭକାର ସାହିର ଏହି ରତ୍ନେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ ଶୁଭଶ୍ରୀ ବେହେରା କହନ୍ତି ଯେ, ପୂର୍ବରୁ ଏଠାକାର ମହିଳା ମାନେ ବିଶେଷ କରି ମୂଲ ମଜୁରୀ କରି ପରିବାର ପ୍ରତିପୋଷଣ କରୁଥିଲେ। ୩ବର୍ଷ ପୂର୍ବେ ଗ୍ରାମର ୨୫ଟି ମହିଳା ଏକତ୍ରୀତ ହୋଇ ଏହି ରତ୍ନେଶ୍ୱରୀ ପ୍ରଡୁସର ଗ୍ରୁପ୍‌ର ଗଠନ କରି ରାଜ୍ୟ ସରକାରଙ୍କ ମିଶନ ଶକ୍ତି ଜରିଆରେ ବ୍ୟାଙ୍କରୁ ବିନା ସୁଧରେ ଋଣ ଆଣି ଟେରାକୋଟା ସାହାଯ୍ୟରେ ମାଟିରେ ବିଭିନ୍ନ ପ୍ରକାର ସାମଗ୍ରୀ ତିଆରି କରିବା କାର୍ଯ୍ୟ ଆରମ୍ଭ କରିଥିଲେ। ମହିଳାମାନେ ଘରେ ରହି ଟେରାକୋଟା ସାହାଯ୍ୟରେ ବିଭିନ୍ନ ପ୍ରକାର ସାମଗ୍ରୀ ଯଥା ମାଟି ହାଣ୍ଡି, ପ୍ରେସର କୁକର, ଲଣ୍ଠନ ଦୀପ, କଣ୍ଢେଇ, ଜାଗର, ମାଣ, ହାତୀ, ଘୋଡା ସମେତ ବିଭିନ୍ନ ପ୍ରକାର ମାଟିରେ ନିର୍ମିତ ସାମଗ୍ରୀ ତିଆରି କରି ଖରାରେ ଶୁଖାଇ ରଖି ସେଥିରେ ବିଭିନ୍ନ ପ୍ରକାର ରଙ୍ଗ ଲଗାଇ ଭୁବନେଶ୍ୱର, କଟକ, ରାଉରକେଲା, ସମ୍ବଲପୁର ଆଦି ବଡ ବଡ ସହରରେ ବିକ୍ରୀ ପାଇଁ ପଠାଇ ଅଧିକରୁ ଅଧିକ ରୋଜଗାରକ୍ଷମ ହେବା ସହ ସ୍ୱାବଲମ୍ବୀ ହୋଇପାରିଛନ୍ତି। ଏହି ମାଟି ସାମଗ୍ରୀ ତିଆରି କରି ମାସକୁ ଅନ୍ୟୁନ ଜଣ ପିଛା ୧୦ହଜାର ଟଙ୍କାରୁ ଉର୍ଦ୍ଧ ଲାଭ ପାଇ ବେଶ୍ ଖୁସିରେ ପରିବାର ପ୍ରତିପୋଷଣ କରି ପାରୁଛନ୍ତି। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ସମୟରେ ଏମାନଙ୍କୁ ସମ୍ମାନିତ ଓ ପୁରସ୍କୃତ କରାଯାଇ ମାନପତ୍ର ପ୍ରଦାନ କରାଯାଇଛି। ବିଶେଷ କରି ଉକ୍ତ ଟେରାକୋଟା ମାଟି ସାମଗ୍ରୀ ତିଆରି କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ମେସିନ ମିଳିଛି। ଏହି କାର୍ଯ୍ୟ କରିବା ପାଇଁ ଗୃହ ଟିଏ ନ ଥିବାରୁ ବାଧ ହୋଇ ଏକ ଚାଳ ଘରେ ସମସ୍ତ ସାମଗ୍ରୀ ତିଆରି କରୁଛନ୍ତି। ବେଳେ ବେଳେ ପ୍ରବଳ ବର୍ଷାରେ ଚାଳ ଘରେ ପାଣି ଗଳି ତିଆରି କରି ରଖିଥିବା ମାଟି ସାମଗ୍ରୀ ନଷ୍ଟ ହୋଇଯାଉଛି। ଏହାକୁ ନେଇ ମହିଳାମାନେ ଦୁଃଖ ପ୍ରକାଶ କରି କହିଛନ୍ତି ଯେ ରାଜ୍ୟ ସରକାରଙ୍କୁ ଘର ଖଣ୍ଡିଏ ମଞ୍ଜୁର କରିବା ପାଇଁ ଅନୁରୋଧ କରିଛନ୍ତି। ଏଥିସହିତ ଆଗକୁ ଆହୁରି ସହାୟତା ମିଳିଲେ ଆହୁରି ଭଲ କାର୍ଯ୍ୟ କରିବୁ ବୋଲି ମହିଳା ମାନେ ପ୍ରକାଶ କରିଥିବା ସହିତ ରାଜ୍ୟ ସରକାରଙ୍କ ମହିଳା ମାନଙ୍କ ପାଇଁ ଏଭଳି ସ୍ୱାଗତ ଯୋଗ୍ୟ ଯୋଜନାରେ ଲାଭାନ୍ୱିତ୍ତ ହୋଇ ନିଜେ ସ୍ୱାବଲମ୍ବୀ ହୋଇ ନିଜ ପରିବାର ପ୍ରତିପୋଷଣ କରି ପାରିବା ସହିତ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜି ଥିବାରୁ ରାଜ୍ୟ ସରକାରଙ୍କୁ ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ ଶୁଭଶ୍ରୀ ବେହେରା, ସଦସ୍ୟା ଲକ୍ଷ୍ମୀ ରଣା, ପ୍ରତିଭା ରଣା, କବିତା ରଣା ପ୍ରମୁଖ ସମେତ ଗ୍ରାମବାସୀ କୃତଜ୍ଞତା ଜ୍ଞାପନ କରିଛନ୍ତି।





# ବିଜେପିର ଜନସମ୍ପର୍କ ଅଭିଯାନ

**ନାକଟିଦେଉଳ, ୭।୨(ସମିସ):** ନାକଟିଦେଉଳ ବ୍ଲକର ଶିମିଳିପାଳ ପଞ୍ଚାୟତ ଠାରେ ବିଜେପିର ଜନସମ୍ପର୍କ ଅଭିଯାନ ହୋଇଯାଇଛି। ବିଜେପି ନେତା ଗୋବିନ୍ଦ ଅଗ୍ରୱାଲ ଅଞ୍ଚଳବାସୀଙ୍କ ସହ ଆଲୋଚନା କରିଥିଲେ। ଏହି ପଞ୍ଚାୟତରେ ଆଜି ବି ଲୋକେ ସୁଦ୍ଧ ପାନୀୟ ଜଳ ପାଇପାରୁ ନଥିବା ନେଇ ଅଭିଯୋଗ କରିଥିଲେ। ଶ୍ରୀ ଅଗ୍ରୱାଲ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇଥିଲେ। ବରିଷ୍ଠ ବିଜେପି ନେତା ଶିବରାମ ସାହୁ ଏହି ଜନସମ୍ପର୍କ ସଭାରେ ଅତିଥି ଭାବେ ଯୋଗଦେଇ ଅଞ୍ଚଳବାସୀଙ୍କୁ ସମ୍ବୋଧିତ କରିଥିଲେ। ବରିଷ୍ଠ ବିଜେପି କର୍ମୀ ଦେବର୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଏହି ସଭାର ଆୟୋଜନ ହୋଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବେ ବିଜେପି ନେତା ଗୋବିନ୍ଦ ଅଗ୍ରୱାଲ ଏବଂ ସମ୍ମାନିତ ଅତିଥି ଭାବେ ରେଢାଖୋଲ ଏନ୍ଏସି ଚେୟାରମ୍ୟାନ ଶିବରାମ ସାହୁ ଯୋଗ ଦେଇଥିଲେ।



### ଉଚ୍ଚଶିକ୍ଷାର ବିକାଶ ପାଇଁ ଆରଡ଼ିସିସ୍ତରୀୟ ଆଲୋଚନା

# ସିଏସ୍ଆର୍ ଓ ଡିଏମ୍ଏଫ୍ ପାଣ୍ଠିରେ ଭିତ୍ତିଭୂମିର ବୃଦ୍ଧି

**ଝାରସୁଗୁଡ଼ା, ୭।୨(ସମିସ)**

ଝାରସୁଗୁଡ଼ା ଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ଉଚ୍ଚ ଶିକ୍ଷାର ବିକାଶ ପାଇଁ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ପ୍ରମୁଖ ଛାତ୍ର ସଂଗଠନ ଜିଲ୍ଲା ଛାତ୍ର ସାମ୍ମୁଖ୍ୟର ଏକ ଉପଦେଷ୍ଟାମଣ୍ଡଳୀ ତଥା ଝାରସୁଗୁଡ଼ା ସହରର ପ୍ରମୁଖ ବ୍ୟକ୍ତିବିଶେଷ ଆଲୋଚନାରେ ସାମିଲ ହୋଇଥିଲେ। ଏଥିରେ ନବନିଯୁକ୍ତ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ମଧ୍ୟ ଉପସ୍ଥିତ ଥିଲେ। ଏଲଏନ କଲେଜ, ମହିଳା ମହାବିଦ୍ୟାଳୟ, ବ୍ରଜରାଜନଗର ମହାବିଦ୍ୟାଳୟ ତଥା କିର୍ମିରା ଶୋଭନ ମେମୋରିଆଲ କଲେଜର ଜମି ସମସ୍ୟାର ସମାଧାନ, ସିଏସଆର ଓ ଖଣିଜ ପାଣ୍ଠିର ଉପଯୋଗରେ ଭିତ୍ତିଭୂମି ବିକାଶ, ଛାତ୍ରଛାତ୍ରୀଙ୍କ ପାଇଁ କୋଚିଂ ସୁବିଧା ଉପରେ ଆଲୋଚନା ହୋଇଥିଲା। ଏସବୁ ଦିଗରେ ଧ୍ୟାନ



### ସ୍ୱୀକୃତିକୁ ନେଇ ସରକାରଙ୍କୁ ଜଣାଇବେ ଜିଲ୍ଲାପାଳ

ଦେବା ପାଇଁ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ତଥା ଜିଲ୍ଲାପାଳ ସହମତି ପ୍ରକାଶ କରିଥିଲେ।

ସେହିପରି ପିଜି ଓ ବିଇଡି ପାଠ୍ୟକ୍ରମ ଆରମ୍ଭ କରିବା ସହ ଏଲଏନ କଲେଜର ସରକାରୀ ସ୍ୱୀକୃତି ଉପରେ ଆଲୋଚନା ହୋଇଥିଲା। ଏ ଦିଗରେ ପ୍ରଶାସନ ସରକାରଙ୍କୁ ଅବଗତ କରାଇବ ବୋଲି ପ୍ରତିଶ୍ରୁତି ମିଳିଥିଲେ ହେଁ ଏଥିରେ କିଛି ଅଂଶଗ୍ରହଣକାରୀ ଅସନ୍ତୋଷ ପ୍ରକାଶ କରିଥିଲେ। ଛାତ୍ର ସାମ୍ମୁଖ୍ୟର କେନ୍ଦ୍ରୀୟ ସଂଯୋଜକ ଜିତେନ୍ଦ୍ରିୟ ଧୁରୁଆ, ସହସଂଯୋଜକ ଅସୀମ ପଟେଲ, ଜିଲ୍ଲା ସଂଯୋଜକ ରବି ରୋହିଦାସ, ସହସଂଯୋଜକ ନନ୍ଦୁ ରୋହିଦାସ, ମହିଳା ମହାବିଦ୍ୟାଳୟର ଛାତ୍ରୀ ନେତ୍ରୀ ସ୍ୱାଗତିକା ସାହୁ, ଅଂଶୁକୁମାରୀ ସିଂ ପ୍ରମୁଖ ଉପସ୍ଥିତ ଥିଲା ବେଳେ ବରିଷ୍ଠ ନାଗରିକ ସଙ୍ଘ ସଭାପତି ବାଳଗୋବିନ୍ଦ ମିଶ୍ର, ବ୍ୟବସାୟୀ ସଙ୍ଘ ସଭାପତି ହୀରାଲାଲ ଲୋକଚନ୍ଦାନୀ, ଛାତ୍ର ସାମ୍ମୁଖ୍ୟ ଉପଦେଷ୍ଟା ବିରଞ୍ଚି ସାହୁ, ରତ୍ନାକର ପ୍ରଧାନ, ଗୋପୀନାଥ ସାହୁ, ପୂର୍ବତନ କିର୍ମିରା ବ୍ଲକ ଅଧ୍ୟକ୍ଷ ତେଜରାଜ ସାହୁ, ରଘୁନନ୍ଦନ ପଣ୍ଡା, ସୁରେଶ ତ୍ରିପାଠୀ, କମ୍ୟୁନିଷ୍ଟ ନେତା ରମେଶ ତ୍ରିପାଠୀ, ଯୁବନେତା ରାଧେଶ୍ୟାମ ପ୍ରଧାନ, ଆଦିବାସୀ ନେତା ପ୍ରଭାକର ଓରାମ, ସମାଜସେବୀ ଅଶୋକ ମହାପାତ୍ର, ବିଜୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶା-ଛତିଶଗଡ଼ ଆନ୍ତଃରାଜ୍ୟ ସୀମା ବୈଠକ

**ଝାରସୁଗୁଡ଼ା, ୭।୨(ସମିସ):** ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଝାରସୁଗୁଡ଼ା ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଓଡ଼ିଶା-ଛତିଶଗଡ଼ ମଧ୍ୟରେ ଆନ୍ତଃରାଜ୍ୟ ସୀମା ପରିଚାଳନା ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସୁରକ୍ଷାକୁ କଡ଼ାକଡ଼ି କରିବାକୁ ସୀମାନ୍ତବର୍ତ୍ତୀ ରାଜ୍ୟଗୁଡ଼ିକ ନିୟନ୍ତ୍ରଣ କକ୍ଷ ମାଧ୍ୟମରେ ନିରନ୍ତର ଯୋଗାଯୋଗରେ ରହିବେ। କ୍ରମାଗତ ଭାବରେ ହସ୍ତଗତ ହୋଇଥିବା ସୂଚନା ଆଦାନ ପ୍ରଦାନ କରିବେ ବୋଲି ନିଷ୍ପତ୍ତି ହୋଇଛି।

ଏହି ଅବସରରେ ସମ୍ବଲପୁର ଉତ୍ତରାଞ୍ଚଳ ଆଇଜି ହିମାଂଶୁ କୁମାର ଲାଲ, ଛତିଶଗଡ଼ ସାରଙ୍ଗଗଡ଼ ଭିଲାଇଗଡ଼ ଏସପି ଆଶୁତୋଷ ସିଂହ, ଝାରସୁଗୁଡ଼ା ଜିଲ୍ଲାପାଳ ଅବୋଲି ସୁନୀଲ ନରୱଣେ, ଝାରସୁଗୁଡ଼ା ଏସପି ପରମାର ସ୍ମିଥ ପୁରୁଷୋତ୍ତମ ଦାସ, ସୁନ୍ଦରଗଡ଼ ଏସପି ପ୍ରତ୍ୟୁଷ ଦିବାକର, ବରଗଡ଼ ଏସପି ପ୍ରହଲ୍ଲାଦ ସାହାଇ ମୀନା ଛତିଶଗଡ଼ ରାୟଗଡ ଏସଡ଼ିପିଓ ଦୀପକ ମିଶ୍ର, ଜଶପୁର ଏସଡ଼ିପିଓ ବିରୋଧ କୁମାର, ସାରଙ୍ଗଗଡ଼ ଭିଲାଇଗଡ଼ର ଜିଲ୍ଲାପାଳ କୁମାର ଲାଲ ଚୌହାନ, ରାୟଗଡ଼ ଜିଲ୍ଲାପାଳ କାର୍ତ୍ତିକେୟ ଗୋୟଲ, ସିଇଓ ରାୟଗଡ଼ ଜିତେନ୍ଦ୍ର ଯାଦବ, ଏଡ଼ିଏମ ପଦମପୁର ଛବନ କୁନାଲ ମୋତିରାମ, ସୁନ୍ଦରଗଡ଼ ଏସଡ଼ିଏମ୍ ବିଷ୍ଣୁ ଜୈନ, ପ୍ରଦୀପ ରାଠିଆ, ପ୍ରବେସନରେ ଥିବା ଆଇଏସ୍ ସାସୟା ରେଡ୍ଡି, ଏ ସ୍ନେହା, ଯୁବରାଜ ମର୍ମତ, ଲଳିତ ଲୁହା, ସୁଶ୍ରୀ ପ୍ରଧାନ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ରହିଥିଲେ।




# ବିଭିନ୍ନ ସମସ୍ୟାକୁ ନେଇ ମନ୍ତ୍ରୀଙ୍କୁ ଭେଟିଲେ ବିଧାୟିକା

**ବ୍ରଜରାଜନଗର, ୭।୨ (ସମିସ):** ବ୍ରଜରାଜନଗର ନିର୍ବାଚନମଣ୍ଡଳୀର ବିଭିନ୍ନ ସମସ୍ୟାକୁ ନେଇ ବୁଧବାର ରାଜ୍ୟର ବିଭିନ୍ନ ମନ୍ତ୍ରୀଙ୍କ ସହ ସାକ୍ଷାତ କରି ସମସ୍ୟାଗୁଡିକୁ ଦୂର କରିବା ପାଇଁ ବ୍ରଜରାଜନଗର ବିଧାୟିକା ଅଲକା ମହାନ୍ତି ଆଲୋଚନା କରିଛନ୍ତି। ଭୁବନେଶ୍ୱରଠାରେ



ବ୍ରଜରାଜନଗର ବିଧାୟିକା ଅଲକା ମହାନ୍ତି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଏବଂ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ ସାକ୍ଷାତ କରିଥିଲେ। ବ୍ରଜରାଜନଗର ନିର୍ବାଚନମଣ୍ଡଳୀର ସମସ୍ତ ଡାକ୍ତରଖାନାରେ ଉନ୍ନତ ସେବା ପାଇବା ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ବିଧାୟିକା ଆଲୋଚନା କରିବା ସହ ବେଲପାହାଡ଼ ବାଇପାସ ରାସ୍ତା ଏବଂ ଆରଓବି ପାଇଁ କାମ ଆରମ୍ଭ କରିବା ପାଇଁ ଅନୁରୋଧ କରିଥିଲେ। ଏହି ଆଲୋଚନା ସମୟରେ ବିଧାୟିକାଙ୍କ ସହ ଶ୍ୟାମସୁନ୍ଦର ଶତପଥୀ, ଜିଲ୍ଲା ଉପସଭାପତି ଶମ୍ଭୁ ମହାନ୍ତି ଏବଂ ଟାଉନ ସଭାପତି କୈଳାସ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ପିଥିଣ୍ଡାରେ 'ଆମ ଓଡ଼ିଶା ନବୀନ ଓଡିଶା' କାର୍ଯ୍ୟକ୍ରମ

**ଲଖନପୁର,୭।୨(ସମିସ):** ଲଖନପୁର ବ୍ଲକ ଅନ୍ତର୍ଗତ ପିଥିଣ୍ଡା ପଞ୍ଚାୟତରେ 'ଆମ ଓଡିଶା ନବୀନ ଓଡିଶା' ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ହୁତେଶ୍ୱରୀ ତିହିରିଆ ମୁଖ୍ୟଅତିଥି, ଜିଲ୍ଲା ପରିଷଦ ସଦସ୍ୟ ସନତ ସିଂ, ଲଖନପୁର ଏବିଡିଓ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ପିଥିଣ୍ଡା ସରପଞ୍ଚ ମହେନ୍ଦ୍ର ନାଏକ, ସୁଶାନ୍ତ ଚଇନି କନକତୋରା ସରପଞ୍ଚ, ପିଥିଣ୍ଡା ସମିତିସଭ୍ୟ ଘନଶ୍ୟାମ କାଲୋ, ସମସ୍ତ ୱାର୍ଡସଭ୍ୟା, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଶତାଧିକ ମହିଳା ପୁରୁଷ ଉପସ୍ଥିତ ଥିଲେ।

# ଧକ୍କାଦେଇ ଟ୍ରକ୍ ଫେରାର୍

**ଝାରସୁଗୁଡ଼ା/କିର୍ମିରା, ୭।୨(ସମିସ):** ଝାରସୁଗୁଡା ସହର ନିକଟସ୍ଥ ଟାଲମାଲ ଗ୍ରାମର ଦେବଚନ୍ଦ୍ର ନାଏକ (୪୫) ବୁଧବାର ସକାଳ ୭ଟା ସମୟରେ ଏକ ଟ୍ରକ ଧକ୍କାରେ ଗୁରୁତର ଆହତ ହୋଇଛନ୍ତି। ବାଲିଯୋରୀ ରେଳ ଫାଟକ ନିକଟରେ ସାଇକଲରେ ଯାଉଥିବା ଦେବଚନ୍ଦ୍ରଙ୍କୁ ଉକ୍ତ ଭାରୀ ଯାନ ଧକ୍କା ଦେଇ ଫେରାର ହୋଇଯାଇଛି। ଦେବଚନ୍ଦ୍ରଙ୍କୁ ପରେ ଗୁରୁତର ଅବସ୍ଥାରେ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଏହି ରାସ୍ତାରେ ଏଭଳି ଅନେକ ନିୟମିତ ବ୍ୟବଧାନରେ ଦୁର୍ଘଟଣା ହେଉଥିବାରୁ ଯାତ୍ରୀଙ୍କ ଜୀବନ ବିପନ୍ନ ହୋଇ ପଡ଼ିଛି। ସ୍ଥାନୀୟ ଗ୍ରାମବାସୀ ରାସ୍ତାରେ ଯାତାୟାତ ପାଇଁ ଭୟ କରୁଛନ୍ତି। ତୁରନ୍ତ ପ୍ରଶାସନ ପଦକ୍ଷେପ ନେବାକୁ ଦାବି ହେଉଛି।

### ଦେଶୀ ମଦ କାରବାର

# ୫୦ ଲିଟର ଜବତ, ମାଫିଆ ଫେରାର୍

**କୋଲାବିରା, ୭।୨ (ସମିସ):** ଦେଶୀ ରନ୍ଧାମଦ ତିଆରି ଏବଂ ଏହାର ନିରଙ୍କୁଶ ବ୍ୟବସାୟ ପାଇଁ ଏବେ କୋଲାବିରା ଅଞ୍ଚଳ ଏମାନଙ୍କ ପାଇଁ ଭୂସ୍ୱର୍ଗ ପାଲଟିଛି। ପୁଲିସ କିମ୍ବା ଅବକାରୀ ବିଭାଗ ପକ୍ଷରୁ କୌଣସି ଆଖିଦୃଶିଆ କଠୋର ପଦକ୍ଷପ ଗ୍ରହଣ କରାଯାଉ ନଥିବାରୁ ଦିନକୁ ଦିନ ବଢ଼ିବାରେ ଲାଗିଛି ବେଆଇନ କାରବାର। ଚାରିଆଡେ ଚାଲିଛି ବେଆଇନ ଦେଶୀ ରନ୍ଧାମଦର କାରବାର। ଅବକାରୀ ବିଭାଗ ଆଉ ପୁଲିସ ପକ୍ଷରୁ ତନାଘନା କରାଯାଉଥିଲେ ସୁଦ୍ଧା ଏହୁ ବେପାରୀଙ୍କ ମନରେ ନାହିଁ ଭୟ। ଏକ ପ୍ରକାର ନିରଙ୍କୁଶ ଭାବରେ କାର୍ଯ୍ୟକରି ବିଷ ପରସିବାରେ ଲାଗିଛନ୍ତି ଏମାନେ। ଖବର ପାଇ କୋଲାବିରା ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢଉ କରାଯାଇ ବିପୁଳ ପରିମାଣରେ ଦେଶୀ ରନ୍ଧା ମଦ ଓ ମହୁଲ ଫାସ ଜବତ କରିଛି। ସୋଢାମାଲ ଅଞ୍ଚଳରେ ଚଢଉ କରାଯାଇଥିଲା। ଆମଝରନ, ସାହ୍ଲେପାଲି ଓ କଦୋମାଲ ଅଞ୍ଚଳରୁ ମଦ ପ୍ରସ୍ତୁତ କରିବା ପାଇଁ ରଖାଯାଇଥିବା ବିପୁଳ ମହୁଲଫାଶକୁ ଜବତ କରାଯାଇ ନଷ୍ଟ କରାଯାଇଥିବା ବେଳେ ମଦ ପ୍ରସ୍ତୁତିରେ ବ୍ୟବହୃତ ସାମଗ୍ରୀ, ୫୦ ଲିଟର ଊର୍ଦ୍ଧ୍ୱ ଦେଶୀ ରନ୍ଧା ମଦ ଜବତ କରାଯାଇଛି। ଚଢଉ ସମୟରେ ସମ୍ପୃକ୍ତ ମଦ ପ୍ରସ୍ତୁତ କରୁଥିବା ମାଫିଆକୁ କାବୁ କରାଯାଇ ପାରି ନାହିଁ।



ସାମାନ୍ୟ ପରିମାଣରେ ମହୁଲ ଫୁଲ ସାଙ୍ଗକୁ କିଛି ଗୁଡ ମିଶେଇ ମଦ ପ୍ରସ୍ତୁତି କରାଯାଉଥିବା ବେଳେ ଶୀଘ୍ର ଏବଂ ତୀବ୍ର ନିଶା ହେବାପାଇଁ ରାସାୟନିକ ସାରର ପ୍ରୟୋଗ କରାଯାଉଛି। ଯା'ଫଳରେ ଏଠାରୁ ବାହାରୁଥିବା ମଦ ଏକପ୍ରକାର ବିଷାକ୍ତ ହୋଇ ରହୁଛି। କମ ଖର୍ଚ୍ଚ ଆଉ ଅଧିକ ଲାଭ ଆଶାରେ ଏପରି ଦେଶୀ ପ୍ରଣାଳୀରେ ମଦ ରାନ୍ଧି ବଜାରକୁ ଛଡାଯାଉଛି। ଆଉ ଯୁବ ପିଢ଼ି ସହଜ ଏବଂ ସୁଲଭ ମୂଲ୍ୟରେ ମିଳୁଥିବା ଏହି ମଦ ପିଇ ଜୀବନକୁ ବାଜି ଲଗେଇଦେଉଛନ୍ତି। ଏହାର ରୋକଥାମ ଦିଗରେ ଦୃଢ ପଦକ୍ଷେପ ଗ୍ରହଣ କରାଗଲେ ହୁଏତ ଏହି କଳାବଜାରକୁ ରୋକାଯାଇପାରନ୍ତା ବୋଲି ମତପ୍ରକାଶ ପାଉଛି।

# ବି.ଆର୍ ହାଇସ୍କୁଲ୍ ଛାତ୍ର ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ପୁରସ୍କୃତ

**ଝାରସୁଗୁଡ଼ା,୭।୨(ସମିସ):** ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ ପରିପ୍ରେକ୍ଷୀରେ ଓଡ଼ିଶା ବିଜ୍ଞାନ ଏକାଡେମୀ ଦ୍ୱାରା ଆୟୋଜିତ ପ୍ରବନ୍ଧ ଓ ସ୍ଲୋଗାନ ଲିଖନ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ବି.ଆର୍ ହାଇସ୍କୁଲ୍ ବେଲପାହାଡର ଛାତ୍ର ତାରାକାନ୍ତ ବେହେରା ଓ ଅଭୟ ବାରିକ ଉଭୟ ନବମ ଶ୍ରେଣୀ ସଫଳତା ପୂର୍ବକ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରି ଭୁବନେଶ୍ୱର ଜନତା ମଇଦାନ ଠାରେ ଆୟୋଜିତ ସଭାରେ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କଠାରୁ ପ୍ରମାଣପତ୍ର ଓ ପୁରସ୍କାର ରାଶି ସ୍ୱରୂପ ୧୦୦୦୦ ଓ ୮୦୦୦ ଟଙ୍କାର ଚେକ୍ ଗ୍ରହଣ କରିଛନ୍ତି। ଏହି ପ୍ରତିଯୋଗିତା ଅଷ୍ଟମରୁ ଦଶମ ଶ୍ରେଣୀରେ ଅଧ୍ୟୟନରତ ସ୍କୁଲ ଛାତ୍ରଛାତ୍ରୀଙ୍କ ନିମନ୍ତେ ଉଦ୍ଦିଷ୍ଟ ଥିଲା। ସ୍ଲୋଗାନର ବିଷୟ କୃତ୍ରିମ ବୁଦ୍ଧିମତ୍ତା ଥିବାବେଳେ ପ୍ରବନ୍ଧ ଲିଖନ ବିଷୟ ମାଟିର ଗୁଣବତ୍ତା, ପାରମ୍ପରିକ ଖାଦ୍ୟ ଓ ଉତ୍ତମ ସ୍ୱାସ୍ଥ୍ୟ ରହିଥିଲା। ଏହି ସଫଳତାର ଶ୍ରେୟ ଉଭୟ ଛାତ୍ର ନିଜର ଗାଇଡ ଓଡ଼ିଆ ଶିକ୍ଷକ ଦିଲ୍ଲୀପ ସାହୁ ଓ ବିଜ୍ଞାନ ଶିକ୍ଷକ ଗିରିଶଚନ୍ଦ୍ର ତ୍ରିପାଠୀଙ୍କୁ ଦେଇଛନ୍ତି।



# 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଯାପିତ

**ଝାରସୁଗୁଡ଼ା, ୭।୨(ସମିସ):** ଲଇକେରା ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ନୂଆ-ଓ' ଉଦଯାପନୀ ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଶେଖ୍ ନିଜାମୁଦ୍ଦିନ ଅଲ୍ଲୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ଏନ୍ ଏସ୍ ଏସ୍ ଆଞ୍ଚଳିକ ନିର୍ଦ୍ଦେଶକ ଡ. ସରିତା ପଟେଲ ନାରୀଶକ୍ତିର ମହତ୍ତ୍ୱକୁ ଛାତ୍ରଛାତ୍ରୀଙ୍କ ପାଖରେ ବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବରେ ସୁରଜମଲ୍ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ମନୋଜ ପଣ୍ଡା, ସମ୍ମାନିତ ଅତିଥି ଭାବରେ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଧାଂଶୁଶେଖର ପୁରୋହିତ, ଅବସରପ୍ରାପ୍ତ ଅଧ୍ୟକ୍ଷ ରୋହିତ ପଟେଲ, ଗଣିତ ଅଧ୍ୟାପକ କମଳ ଲୋଚନ ଦାସ ଯୋଗଦାନ କରିଥିଲେ। ଅଧ୍ୟାପକ ପ୍ରସନ୍ନ ଷଣ୍ଢ ସଂଯୋଜନା କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସଭା ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ।




# ଟିପିଡବ୍ଲ୍ୟୁଓଡିଏଲ୍ର ନୂତନ ଡିଭିଜନ୍ କାର୍ଯ୍ୟାଳୟ ଗୃହ ଉଦ୍‌ଘାଟିତ

**ଝାରସୁଗୁଡ଼ା, ୭।୨(ସମିସ):** ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ୱେଷ୍ଟର୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଡବ୍ଲୁଓଡିଏଲ) ଏକ ଅଗ୍ରଣୀ ବିଦ୍ୟୁତ୍ ବିତରଣ କମ୍ପାନୀ। ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ଭିତ୍ତିଭୂମିର ରୂପାନ୍ତରଣରେ ସଦା ପ୍ରଚେଷ୍ଟା ଜାରି ରଖିଛି। ଏହି ଦିଗରେ କମ୍ପାନୀ ଆଉ ଏକ ଉଲ୍ଲେଖନୀୟ ପଦକ୍ଷେପ ସ୍ୱରୂପ ଝାରସୁଗୁଡ଼ା ଜିଲ୍ଲାରେ ଏକ ନୂତନ ଡିଭିଜନ୍ କାର୍ଯ୍ୟାଳୟ ଗୃହ ନିର୍ମାଣ କରିଛି। ଏହି ନୂତନ କାର୍ଯ୍ୟାଳୟ ଗୃହକୁ ଟିପିଡବ୍ଲୁଓଡିଏଲର କାର୍ଯ୍ୟନିର୍ବାହୀ ଅଧିକାରୀ ଗଜାନନ କାଲେ ତଥା କମ୍ପାନୀର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀଙ୍କ ଉପସ୍ଥିତିରେ ଟାଟା ପାୱାର କମ୍ପାନୀର ପ୍ରସାରଣ ଏବଂ ବଣ୍ଟନ ବିଭାଗର ସଭାପତି ସଞ୍ଜୟ ବାଙ୍ଗା ଉଦଘାଟନ କରିଛନ୍ତି। ଟାଟା ପାୱାର ପ୍ରତିବର୍ଷ ବିଦ୍ୟୁତ୍ ବିତରଣ ଭିତ୍ତିଭୂମିରେ ଉନ୍ନତି ଆଣିବା ସହିତ ଓଡ଼ିଶାରେ ଗ୍ରାହକ ସେବାକୁ ସୁବିଧାଜନକ କରିବା ପାଇଁ ପ୍ରତିବର୍ଷ କୋଟି କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରୁଛି। ଯାହାକୁ ନେଇ ଶ୍ରୀ ବାଙ୍ଗା କହିଛନ୍ତି ଯେ ଝାରସୁଗୁଡା ଜିଲ୍ଲାରେ ଏହି ଡିଭିଜନ କାର୍ଯ୍ୟାଳୟ ଗୃହ ଦ୍ୱାରା ଜିଲ୍ଲାର ସମସ୍ତ ବିଦ୍ୟୁତ୍ ଉପୋଭୋକ୍ତା ଅଧିକରୁ ଅଧିକ ଲାଭବାନ ହୋଇପାରିବେ। ଭବିଷ୍ୟତରେ କମ୍ପାନୀ ପକ୍ଷରୁ ଏହି ଦିଗରେ ଆହୁରି ଅନେକ ବିକାଶମୂଳକ ପଦକ୍ଷପ ନିଆଯିବ।



# କିର୍ମିରାରେ ବିଜେଡିର ମିଶ୍ରଣ ପର୍ବ

**ଝାରସୁଗୁଡ଼ା, ୭।୨(ସମିସ):** କିର୍ମିରାରେ ବିଜୁ ଜନତା ଦଳ ପକ୍ଷରୁ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଦୁଇଟି ପଞ୍ଚାୟତର ଶତାଧିକ କର୍ମୀ ବିଧାୟିକା ଦୀପାଳି ଦାସଙ୍କ ଉପସ୍ଥିତିରେ କଂଗ୍ରେସ ଏବଂ ବିଜେପି ଦଳ ଛାଡି ବିଜୁ ଜନତା ଦଳରେ ଯୋଗଦାନ କରିଛନ୍ତି। ଝାରସୁଗୁଡ଼ା ବିଧାୟିକାଙ୍କ ନୂତନ ଝାରସୁଗୁଡ଼ା ନିର୍ମାଣ, ସ୍ୱଚ୍ଛ ରାଜନୀତିକୁ ଅନୁସରଣ କରି ଶତାଧିକ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। କର୍ମୀଙ୍କ ମଧ୍ୟରେ ଗୁରୁବଚନ ପ୍ରଧାନ, ସୁଶାନ୍ତ ଛଛାନ, ଧର୍ମପଦ ମଗର, ସନାତନ ନାଏକ, ଭାସ୍କର ନାଏକ, ଅଭି ଅଢା, ଅମ୍ଳେଶ ନାଏକ, ଟିକେଶ୍ୱର ନାଏକ, ଅଶୋକ ମେହେର, ରୋହିତ ଛଛାନ, ଅର୍ଜୁନ ମାଝି, ପଦ୍ମଲୋଚନ ନାଏକ, ଉଣ୍ଡୁ ମାଝୀ, ଶିବଲାଲ ଗୁଖୁରା, ଯୁଧିଷ୍ଠି ନାଏକ, ଲଳିତ ନାଏକ, ଏମ ତାଜେନ ପ୍ରମୁଖ ଯୋଗ ଦେଇଛନ୍ତି। କାର୍ଯ୍ୟକ୍ରମରେ ପିଣ୍ଟୁ ପାଢ଼ୀ, ଅମିତାଭ ପଟେଲ, ଆର୍ୟନ ସିହ୍ନା, ରୋଶନ ପଣ୍ଡା, ବିକାଶ ମହାବର, କ୍ରିଷ୍ଣା ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।



# ୮ରୁ ୧୦ ଲଖନପୁର ମହୋତ୍ସବ 'ତିହାର୍'

**ଝାରସୁଗୁଡ଼ା,୭।୨(ସମିସ)**

ଲଖନପୁର ପଞ୍ଚାୟତସମିତି ସଭାକକ୍ଷରେ ଅଗାମୀ ଲୋକ ମହୋତ୍ସବ 'ତିହାର' ପାଇଁ ଏକ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭ୍ୟ ସନତ ସିଂଙ୍କ ଅଧ୍ୟକ୍ଷତାରେ ପରିଚାଳିତ ସଭାରେ ଲଖନପୁରସ୍ଥିତ ମା' ସମଲେଶ୍ୱରୀ ପଡ଼ିଆରେ ଚଳିତ ଫେବୃୟାରୀ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଲୋକ

### ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ

ମହୋତ୍ସବ 'ତିହାର' ଆୟୋଜନ କରାଯିବାକୁ ନିଷ୍ପତ୍ତି ହେବା ସହ ଏନେଇ ପ୍ରସ୍ତୁତି ଚୂଡ଼ାନ୍ତ କରାଯାଇଛି। ଆସନ୍ତା ବର୍ଷ ତିହାର ପାଇଁ ନଭେମ୍ବର ପ୍ରଥମ ସପ୍ତାହରେ ପ୍ରସ୍ତୁତି ବୈଠକ ଆୟୋଜନ କରିବା, ଗତ ୨୦୨୩ ଶିକ୍ଷା ବର୍ଷରେ ଦଶମ ଶ୍ରେଣୀରୁ ସ୍ନାତକ ଯାଏ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ତିହାର ଅବସରରେ ସମ୍ମାନିତ କରିବା, କୋଇଲି ଘୁଘର ଶୈବପୀଠରେ ପୂଜାର୍ଚ୍ଚନା ପରେ ଲଖନପୁର ଅମର ଶହିଦ ସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରି ଏକ ବିଶାଳ କଳସ ଶୋଭାଯାତ୍ରାରେ ନଗର ପରିକ୍ରମା, ଫେବୃୟାରୀ ୯ ତାରିଖରେ କବି ସମ୍ମିଳନୀ, ଫେବୃୟାରୀ ୧୦ ତାରିଖରେ ଅଂଚଳର ବିଭିନ୍ନ ସମସ୍ୟା ସମ୍ପର୍କିତ ଏକ ଆଲୋଚନାଚକ୍ର, ଅଂଚଳର ପ୍ରତିଷ୍ଠିତ କଳାକାର, କବି ଓ କବୟିତ୍ରୀଙ୍କୁ



ସମ୍ମାନିତ କରିବା ଆଦି ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରାଯାଇଥିଲା। ତିହାର ବରିଷ୍ଠ ସଦସ୍ୟା ଝୁମେରଲାଲ ହାତୀଙ୍କ ପତ୍ନୀ ବିୟୋଗ ହେତୁ ତାଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରାଯାଇଥିଲା। ଓଡ଼ିଶାର ବିଭିନ୍ନ ପ୍ରାନ୍ତ ସହ ରାଜ୍ୟ ବାହାରୁ ପ୍ରତିଷ୍ଠିତ ସାଂସ୍କୃତିକ ଅନୁଷ୍ଠାନକୁ ପ୍ରଦର୍ଶନ ପାଇଁ ଆମନ୍ତ୍ରଣ କରାଯାଇଛି। ତିହାର ମହୋତ୍ସବ କମିଟିର ସଭାପତି ପୀତାମ୍ବର ମିଶ୍ର, ବେଣୁଧର ଭୋଇ, ଅଭିନଚନ୍ଦ୍ର ମାଝୀ, ମହେନ୍ଦ୍ର ସାଏ, ଗୁଣସାଗର ମାଝୀ, କ୍ଷୀତିଭୂଷଣ ପଧାନ, କିଶୋର ପ୍ରଧାନ, ଟଙ୍କଧର ପଧାନ, ଈଶ୍ୱର ବନଛୋର, ଇନ୍ଦ୍ରମଣି ପ୍ରଧାନ, ଦୋଳଗୋବିନ୍ଦ ପଧାନ, ନିରାକାର ବଡ଼େଇ, ରୋହିତ ପଧାନ, ବିନୋଦ ରାଉତ, ସୁଶୀଲ ବାଗ, ଅଭିନ ରାଉତ, ଶ୍ରୀକାନ୍ତ ଭୋଇ, ଘନଶ୍ୟାମ କିଶାନ, ରାଧେଶ୍ୟାମ ସାହୁ, ଦେବେନ୍ଦ୍ର ସାହୁ ମତବ୍ୟକ୍ତ କରିଥିଲେ।

# ଆଜିଠୁ ପୁରୀ-ସୋନପୁର-ପୁରୀ ସାପ୍ତାହିକ ଏକ୍ସପ୍ରେସ୍ ନିୟମିତ ଚାଲିବ




**ସମ୍ବଲପୁର,୭।୨(ସମିସ):** ପୁରୀ-ସୋନପୁର-ପୁରୀ ସାପ୍ତାହିକ ଏକ୍ସପ୍ରେସର ନିୟମିତ ଚଳାଚଳ ପାଇଁ ନିଷ୍ପତ୍ତି ନିଆଯାଇ ପୁରୀରୁ ଏହା ୮ ତାରିଖ ଏବଂ ସୋନପୁରରୁ ୯ ଫେବୃଆରୀରୁ ଚଳାଚଳ ନିଷ୍ପତ୍ତି ନିଆଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏହି ଟ୍ରେନର ଶୁଭାରମ୍ଭ ୩ ଫେବୃଆରୀ, ୨୦୨୪ ଦିନ କରାଯାଇଥିଲା। ୧୮୪୨୧ ପୁରୀ-ସୋନପୁର ସାପ୍ତାହିକ ଏକ୍ସପ୍ରେସ ପ୍ରତ୍ୟେକ ଗୁରୁବାର ଦିନ ପୁରୀରୁ ସନ୍ଧ୍ୟା ୭.୩୫ମିନିଟରେ ଛାଡି ତା' ପରଦିନ ଭୋର ୫.୩୦ମି.ରେ ସୋନପୁରରେ ପହଞ୍ଚିବ। ଫେରିବା ମାର୍ଗରେ, ୧୮୪୨୨ ସୋନପୁର-ପୁରୀ ଏକ୍ସପ୍ରେସ ପ୍ରତ୍ୟେକ ଶୁକ୍ରବାର ଦିନ ସୋନପୁରରୁ ସନ୍ଧ୍ୟା ୭ଘ.୩୦ମି.ରେ ଛାଡି ଶନିବାର ସକାଳ ୬ ଘ.୫୫ମି.ରେ ପୁରୀରେ ପହଞ୍ଚିବ। ଏହି ଟ୍ରେନ ପୁରୀ ଏବଂ ସୋନପୁର ମଧ୍ୟରେ ଉଭୟ ପାର୍ଶ୍ୱରୁ ଖୋର୍ଦ୍ଧା ରୋଡ, ଭୁବନେଶ୍ୱର, ନରାଜ ମାର୍ଥାପୁର, ଢ଼େଙ୍କାନାଳ, ତାଳଚେର, ଅନୁଗୁଳ, ବଇଣ୍ଡା, ରେଢ଼ାଖୋଲ, ସମ୍ବଲପୁର, ବରଗଡ଼ ରୋଡ, ବଲାଙ୍ଗୀର, ବିଚ୍ଛୁପାଲି, ଝାରତରଭା, ଏବଂ ନରସିଂହଗଡ଼ରେ ରହଣି କରିବ। ଟ୍ରେନରେ ଗୋଟିଏ ଏସି-୨ ଟାୟାର, ସାତଟି ଏସି-୩ ଟାୟାର, ଗୋଟିଏ ଏସି-୩ ଟାୟାର ଇକୋନୋମି, ଛଅଟି ସ୍ଲିପର ଶ୍ରେଣୀ, ତିନିଟି ଦ୍ୱିତୀୟ ଶ୍ରେଣୀ ସିଟିଙ୍ଗ, ଗୋଟିଏ ଗାର୍ଡ, ଲଗେଜ୍ ତଥା ଦିବ୍ୟାଙ୍ଗଜନ କୋଚ୍ ଏବଂ ଗୋଟିଏ ଗାର୍ଡ, ଲଗେଜ୍ ତଥା ମୋଟର କୋଚ୍ ଉପଲବ୍ଧ ରହିବ।

# ମାଟିରେ ମିଶିବ ବାହାଢ଼ାପୋଷି କପିଳେଶ୍ୱର ମନ୍ଦିର !

**ଦେବଗଡ଼, ୭।୨(ସମିସ)**

ଏକଦା ଚଳଚଞ୍ଚଳ ରହୁଥିବା ଶୈବ ପୀଠ ଆଜି ଜରାଜୀର୍ଣ୍ଣ। ରାଜା ରାଜୁଡା ଅମଳରେ ପୂଜା ପାଉଥିବା ଠାକୁର ଆଜି ନିଜ ଭୁ ସମ୍ପତି ହରାଇ ଅନ୍ଧାର କୋଠରୀରେ ଉପବାସ ରହୁଛନ୍ତି। ବାରକୋଟ ବ୍ଲକ ବାହାଡାପୋଷି ଗ୍ରାମରେ ଥିବା ବାବା କପିଳେଶ୍ୱରଙ୍କ ପୀଠରେ ଏଭଳି ଚିତ୍ର ଦେଖିବାକୁ ମିଳିଛ

ରେଙ୍ଗାଲି ନଦୀବନ୍ଧ ଯୋଜନାରେ ବହୁ ଗ୍ରାମ ଜଳ ବୁଡ଼ି ହେବା ପରେ ହଜାର ହଜାର ଗ୍ରାମବାସୀ ବିସ୍ଥାପିତ ହୋଇଥିଲେ। ତେବେ ବାରକୋଟ ବ୍ଲକରେ ଥିବା କପିଳେଶ୍ୱର ଶୈବ ପୀଠ ପାଣିରେ ବୁଡ଼ି ନ ଥିଲେ ମଧ ମନ୍ଦିର ନାଁରେ ଥିବା ଏକର ଏକର ଜମି ଜଳ ସମାଧି ନେବା ପରେ ବାବା କପିଳେଶ୍ୱରଙ୍କ ମନ୍ଦିର ପରିଚାଳନାରେ ସମସ୍ୟା ଉପୁଜୁଛି। ଏପରିକି ମନ୍ଦିର ପୂଜକଙ୍କୁ ରାଜାଙ୍କ ଦ୍ୱାରା ପ୍ରଦତ୍ତ ପ୍ରାପ୍ୟ ମଧ ବନ୍ଦ ହେବା ସହ ପୂଜକଙ୍କ ନାମରେ ଥିବା ମନ୍ଦିର ଜମି ଜଳ ବୁଡ଼ି ପରେ ପୂଜକଙ୍କ ପରିବାର କ୍ଷତିପୂରଣରୁ ମଧ ବଞ୍ଚିତ ରହିଛନ୍ତି।

ପଶ୍ଚିମ ମୁଖା କପିଳେଶ୍ୱର ମନ୍ଦିର ନିର୍ମାଣର କୌଣସି ତଥ୍ୟ କାହାରି ପାଖରେ ନ ଥିବା ବେଳେ ବାମଣ୍ଡା ଇତିହାସ ପୃଷ୍ଠାରୁ ଏହା ୧୭୯୧ ମସିହାରେ ନିର୍ମିତ ହୋଇଥିବା ଅଞ୍ଚଳବାସୀ ବିଶ୍ୱାସ କରନ୍ତି। ମନ୍ଦିର ସମ୍ମୁଖରେ ବ୍ରାହ୍ମଣୀ ନଦୀ, ପଛ ପଟେ ପାଙ୍ଗୁଲି ଜଙ୍ଗଲ ଓ କଡରେ ଶ୍ମଶାନ ରହିଛି। ଏହି ସର୍ବପୁରାତନ ଐତିହାସିକ ଶୈବ ପୀଠ ରକ୍ଷଣାବେକ୍ଷଣ ଅଭାବରୁ ଭଗ୍ନାବସ୍ଥାରେ ପଦାର୍ପଣ କରିଛି। ଅଞ୍ଚଳର ସର୍ବ ପୁରାତନ ଶୈବ ପୀଠର ଜରାଜୀର୍ଣ୍ଣ ଅବସ୍ଥା ଭକ୍ତଙ୍କ ମନରେ ଆଘାତ ଦେଇଥିବା ବେଳେ ମନ୍ଦିରର ପୁନରୁଦ୍ଧାର ପାଇଁ ସ୍ଥାନୀୟ କିଛି ଭକ୍ତ ଅଣ୍ଟା ଭିଡ଼ିଥିବା ଦେଖିବାକୁ ମିଳିଛି।



# ଡାନିଏଲ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

**ବ୍ରଜରାଜନଗର, ୭।୨ (ସମିସ):** ଚାନ୍ଦିନୀମାଲସ୍ଥିତ ଡାନିଏଲ ପବ୍ଲିକ ସ୍କୁଲର ୧୭ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଏନଟିପିସି ଦର୍ଲିପାଲି ଏଜିଏମ ଅଜିତ ବୋଷ ମୁଖ୍ୟଅତିଥି ଭାବରେ ଯୋଗଦାନ କରିଥିଲେ। ରାଜପୁର ସରପଞ୍ଚ ସରସ୍ୱତୀ ନାଏକ, ଯୁବନେତା ରାଧେଶ୍ୟାମ ପ୍ରଧାନ, ଅନିତା ପାଟଯୋଶୀ, ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ରାଜପୁର ପରିଚାଳକ ଯଯାତି କିଶୋରୀ ଦାଶ, ଜୋସ୍ନା ସାହୁ, ଡାନିଏଲସ ଅଧକ୍ଷ ଏକାଡିମିକ ଅନୁପ କୁମାର, ଅଧକ୍ଷ (ପ୍ରଶାସନ) ଅକ୍ଷୟ ନାୟକ, ସହ ଶାଖା ପ୍ରବନ୍ଧକ ୟୁକୋ ବ୍ୟାଙ୍କ ପ୍ରକାଶ କୁମାର ତନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ଡାନିଏଲସ ର ନିର୍ଦ୍ଦେଶକ ଡ଼ ବିଜୟ ପଟ୍ଟନାୟକ ଅଧକ୍ଷତା କରିଥିଲେ। ବିଦ୍ୟାଳୟର ଅଧକ୍ଷା ସୁନିତା ତନ୍ତି ସ୍ୱାଗତ ଭାଷଣ ତଥା ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ବାର୍ଷିକ ଉତ୍ସବ ପାଳନ ଅବସରରେ ବିଭିନ୍ନ ପ୍ରତିଯୋଗିତାର ବିଜୟୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ରାଜପୁର, ଲୁଇସିଙ୍ଗ, ଚାନ୍ଦିନୀମାଲ ଓ ଗୌରମାଲ ପଞ୍ଚାୟତର ଅବସରପ୍ରାପ୍ତ ବରିଷ୍ଠ ୨୦ ଜଣ ପ୍ରଧାନଶିକ୍ଷକ, ୨୦ ଜଣ ବରିଷ୍ଠ ନାଗରିକ ଓ ଦୀର୍ଘ ୫ବର୍ଷ ହେବ ସୁନାମ ଅର୍ଜନ କରିଥିବା ୧୨ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ଅନୁଷ୍ଠିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କ ମନ ମୋହିଥିଲା। ଗୀତାଞ୍ଜଳି ଶତପଥୀ, ମିନତୀ ଟପୋ ମଞ୍ଚ ପରିଚାଳନା କରିଥିବା ବେଳେ କଲ୍ୟାଣି ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ରଜତ କୁଜୁରଙ୍କ ଉପରୁ ଉଠିଲା ନିଲମ୍ବନ

**ବୁର୍ଲା, ୭।୨(ସମିସ):** ବିଶ୍ୱବିଦ୍ୟାଳୟରେ ବିଶୃଙ୍ଖଳା ଆଚରଣ ପାଇଁ ନିଲମ୍ବିତ ହୋଇଥିବା ଆସିଷ୍ଟାଣ୍ଟ ପ୍ରଫେସର ଡକ୍ଟର ରଜତ କୁଜୁରଙ୍କୁ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହୃତ ହୋଇଛି। ଏ ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ କୁଜୁରଙ୍କ କ୍ୟାରିୟର ଉପରେ ଝଟକା ଲାଗିଛି। ତାଙ୍କର ପଦୋନ୍ନତି ଉପରେ ରୋକ ଲାଗିବା ସହ ତଳ ପାହ୍ୟାକୁ ଖସାଇ ଦିଆଯାଇଛି। ପୂର୍ବରୁ ଡକ୍ଟର କୁଜୁର ଆସିଷ୍ଟାଣ୍ଟ ପ୍ରଫେସର ଷ୍ଟେଜ-୩ରେ ଥିବାବେଳେ ଏକାଡେମିକ ଲେଭେଲ-୧୨କୁ ପଦୋନ୍ନତି ହୋଇ ସାରିଥିଲା। ହେଲେ ତାଙ୍କ ଉପରେ ଆସିଥିବା ଅଭିଯୋଗର ତର୍ଜମା ସହ ବିଗତଦିନର ବିଶୃଙ୍ଖଳା ସହ ବ୍ୟକ୍ତିଗତ ଜୀବନର ଫାଇଲ ସମୀକ୍ଷା କରି ଏହି ନିଷ୍ପତ୍ତି ନେଇଛନ୍ତି କୁଳପତି। ଏ ନେଇ ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହାସହ ଚାକିରୀରେ ପୁନଃ ଅବସ୍ଥାପିତ କରାଯିବାର ୩ବର୍ଷ ଯାଏଁ ସେ ନିରୀକ୍ଷଣରେ ରହିବେ ବୋଲି କୁହାଯାଇଛି।

# ପୁଲିସ ଅଧିକାରୀ, କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା



**ଦେବଗଡ଼, ୭।୨(ସମିସ):** ସ୍ଥାନୀୟ ରିଜର୍ଭ ପୁଲିସ କାର୍ଯ୍ୟାଳୟ ପରିସରରେ ବୁଧବାର ଜିଲ୍ଲା ପୁଲିସରେ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀଙ୍କ ଫିଟନେସ ଯାଞ୍ଚ କରାଯାଇଛି। ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ଜିଲ୍ଲା ପୁଲିସରେ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ହେପାଟାଇଟିସ ବି, ହେପାଟାଇଟିସ ସି, ସାଇଫିଲିସ, ରକ୍ତଚାପ, ମଧୁମେହ ଓ ଏଚଆଇଭି ପରୀକ୍ଷା କରାଯାଇଛି। ଏସ୍‌ପି ରାମ ପ୍ରସାଦ ସାହୁ, ଅତିରିକ୍ତ ଏସପି ହେମନ୍ତ ପଣ୍ଡା, ରିଜର୍ଭ ଇନ୍ସପେକ୍ଟର ହାମ୍ବ୍ରିରା ସୋରେନଙ୍କ ସମେତ ଜିଲ୍ଲାର ସମସ୍ତ ପୁଲିସ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।



ଲଖନପୁର ବ୍ଲକ ପଣ୍ଡରି ପଞ୍ଚାୟତ କାର୍ଯ୍ୟାଳୟରେ ଓପିଜିସି, ଇବ୍ ଥର୍ମାଲ ବନହରପାଲି ପକ୍ଷରୁ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି।

# ନାବାଳିକା ଅପହରଣ ଅଭିଯୋଗ

**ଦେବଗଡ଼, ୭।୨(ସମିସ):** ଦେବଗଡ଼ ଥାନା ଜାରେଇକେଲା ଗ୍ରାମରୁ ଜଣେ ୧୬ ବର୍ଷିୟା ନାବାଳିକାକୁ ଅପହରଣ ହୋଇଛି। ପୂର୍ବରୁ ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଥାନା ବଡ଼ବାହାଲ ଗ୍ରାମର ଚିକୁ ରାଉତ ନାବାଳିକାଙ୍କୁ ଅପହରଣ କରିନେଇଥିଲା। ପରେ ପରିବାର ଲୋକେ ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ଏଣୁ ନାବାଳିକାଙ୍କ ପରିବାର ପୁଣି ଥରେ ଚିକୁ ପରିବାରକୁ ପଚାରିବାରୁ ଚିକୁ ହିଁ ନାବାଳିକାଙ୍କୁ ନେଇଥିବା ପ୍ରକାଶ କରିବା ସହ ପୁଲିସ ନିକଟରେ ଅଭିଯୋଗ କଲେ ହତ୍ୟା କରିବାକୁ ଧମକ ଦେଇଥିବା ନାବାଳିକା ପରିବାର ଲୋକେ ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୁଲିସ ବିଭିନ୍ନ ଦଫାରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଉତ୍ପାଦ ଉପରେ ତାଲିମ କାର୍ଯ୍ୟକ୍ରମ

**ଦେବଗଡ଼, ୭।୨(ସମିସ):** ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗଙ୍କ ଅଧକ୍ଷତାରେ ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡର୍ଡ (ବିଆଇଏସ୍) ଦ୍ୱାରା ଭାରତୀୟ ମାନକ ଏବଂ ଉତ୍ପାଦ ଉପରେ ଏକ ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ବିଲୁଙ୍ଗ ଭାରତ ସରକାରଙ୍କ ଉତ୍ପାଦର ଗୁଣବତ୍ତା ଏବଂ ଏହାର ପ୍ରଭାବ ଓ ଜନସଚେତନତା ସୃଷ୍ଟି କରିବା ଉପରେ ଆଲୋକପାତ କରିଥିଲେ। ଏଥିସହ ବିଆଇଏସ୍ ଦ୍ୱାରା ଯାଞ୍ଚ ଓ ପ୍ରମାଣ ପତ୍ର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ବୈଠକରେ ଉପ ଜିଲ୍ଲାପାଳ ପରକ୍ଷିତ ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ନରହରି ସିଂ, ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା, ଜିଲ୍ଲା ମଙ୍ଗଳ ଅଧିକାରୀ ବିଭୁ ରଞ୍ଜନ ମହାନ୍ତି, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀ, ଜିଲ୍ଲା ଶିଳ୍ପ ସାଧାରଣ ପରିଚାଳକ ରମେଶ ପଟେଲ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# କ୍ୟାନସର ରୋଗୀଙ୍କୁ ଆର୍ଥିକ ସହାୟତା

**ସମ୍ବଲପୁର, ୭।୨(ସମିସ):** କର୍କଟ ରୋଗୀଙ୍କୁ ସହାୟତାର ହାତ ବଢ଼ାଇଲେ କିଛି ବଦାନ୍ୟ ବ୍ୟକ୍ତି। ସମ୍ବଲପୁରର କେତେକ ସାଙ୍ଗ ଏକାଠି ହୋଇ ଏହି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସୂଚନା ଅନୁସାରେ ସମ୍ବଲପୁର ଜଗନ୍ନାଥ କଲୋନୀର ଆର୍ଯ୍ୟନ ନାଏକ (୧୫) କ୍ୟାନସର ରୋଗରେ ପୀଡିତ ହୋଇ ଏମ୍ସରେ ଚିକିତ୍ସାଧିନ ଅଛନ୍ତି। କିଛିମାସ ପୂର୍ବରୁ ବାପାଙ୍କୁ ହରାଇଥିବା ପରେ ଆର୍ଯ୍ୟନ ଅର୍ଥାଭାବରୁ ଚିକିତ୍ସାରେ ବାଧା ଉପୁଜିଛି। ଏହି ଖବର ପାଇ କିଛି ବଦାନ୍ୟ ବ୍ୟକ୍ତି ଆର୍ଯ୍ୟନଙ୍କୁ ସହାୟତା ପାଇଁ ଆଗେଇ ଆସିଛନ୍ତି। ସମ୍ବଲପୁର ମ୍ୟୁନିସିପାଲଟିର ପୂର୍ବତନ ଉପନଗରପାଳ ସିଦ୍ଧାର୍ଥ ଶାହା, ସମରଜିତ ପଟ୍ଟନାୟକ, ମହମ୍ମଦ ଅନୱର ଖାନ ଓ ଦିନେଶ ଝାଝରିଆ ମିଶି ଆର୍ଯ୍ୟନଙ୍କୁ ଚିକିତ୍ସା ପାଇଁ ୫୦ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରଛନ୍ତି। ଏହା ସହିତ ଏହି ୪ଜଣ ବନ୍ଧୁ ବୁର୍ଲାର ସୁଶାନ୍ତ ମେହେରଙ୍କୁ ୧୦ ହଜାର ଟଙ୍କା, ଷ୍ଟେସନ ପଡ଼ାର ପ୍ରୀତି ହରିପାଲଙ୍କୁ ୧୦ ହଜାର ଟଙ୍କା ଓ ବରେଇପାଲିର ଆଞ୍ଚଳ ଆହୁଜାଙ୍କୁ ମଧ ୨୦ ହଜାର ଟଙ୍କା ପ୍ରଦାନ କରିଛନ୍ତି।



# 'ଆମ ଓଡ଼ିଶା, ନବୀନ ଓଡ଼ିଶା' ସଚେତନତା ଶିବିର

**ଦେବଗଡ଼, ୭।୨(ସମିସ):** ଦେବଗଡ଼ ଜିଲ୍ଲା ବାରକୋଟ ପଞ୍ଚାୟତ ସମିତି ବସାଲୋଇ, ଡଁରା, ବଲଣ୍ଡା ଓ ସରୁଆଳି ପଞ୍ଚାୟତର ମୁଖ୍ୟାଳୟରେ ଗୁରୁବାର ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ମୃତିରଞ୍ଜନ ସାହୁ, ସମ୍ମାନିତ ଅତିଥି ଭାବେ ବସାଲୋଇ ସରପଞ୍ଚ ତେଜସ୍ୱୀ ସାହୁ, ଡଁରା ସରପଞ୍ଚ ପ୍ରକାଶ ପାଣି, ବଲଣ୍ଡା ସରପଞ୍ଚ ରଣଦୀପ ପ୍ରଧାନ ଓ ସରୁଆଳି ସରପଞ୍ଚ ଶୁଭଦ୍ରା ସାହୁ ଯୋଗ ଦେଇଥିଲେ। ଶିବିରରେ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାଗୁଡିକୁ ନେଇ ଷ୍ଟଲ୍ ମାଧ୍ୟମରେ ପ୍ରଦର୍ଶନୀ କରାଯିବା ସହ ବିଭିନ୍ନ ଯୋଜନା ସମ୍ବନ୍ଧରେ ଉପସ୍ଥିତ ଜନସାଧାରଣଙ୍କୁ ଅଧିକାରୀମାନେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ମିଶନ ଶକ୍ତି ସଭ୍ୟା ଓ ଜନସାଧାରଣଙ୍କୁ ପଞ୍ଚାୟତର ଉନ୍ନୟନ ମୂଳକ ପ୍ରକଳ୍ପ ସମ୍ପର୍କିତ ପ୍ରଚାରପତ୍ର ବଣ୍ଟନ କରାଯାଇଥିଲା। ସେହିପରି ବ୍ଲକର ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପ ସମ୍ପର୍କିତ ଏକ ଚଳଚିତ୍ର ପ୍ରଦର୍ଶିତ ହୋଇଥିଲା। ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ସମ୍ବନ୍ଧରେ ସ୍ଥାନୀୟ ସାଂସ୍କୃତିକ ଦଳ ଦ୍ୱାରା ଜନ ସଚେତନତା ସୃଷ୍ଟି କରାଯାଇଥିଲା। ୪ଟି ପଞ୍ଚାୟତରେ ଏହି ଶିବିରରେ ଉପସ୍ଥିତ ଜନସାଧାରଣଙ୍କଠାରୁ ଆମ ଓଡ଼ିଶା ନବୀନ ଓଡ଼ିଶାର ଆଗାମୀ ଯୋଜନା ନିମନ୍ତେ ପ୍ରକଳ୍ପ ପ୍ରସ୍ତାବ ପ୍ରାପ୍ତ ହୋଇଥିଲା। ସଚେତନତା ଶିବିରରେ ନିର୍ବାହୀ ଅଧିକାରୀ କିଶୋର ପ୍ରଧାନ, ସଞ୍ଜୟ ବେହେରା, ନୀଳକଣ୍ଠ ପ୍ରଧାନ, ଜଗବନ୍ଧୁ ପ୍ରଧାନ, ପର୍ଯ୍ୟବେକ୍ଷଣ ଅଧିକାରୀ କଲ୍ୟାଣି ସେଠୀ, ଯଶୋବନ୍ତ ନାଏକ, ଦୀପକ କେରକେଟ୍ଟା, ଜାନକୀ ବଲ୍ଲଭ ମହାନ୍ତିଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ।



# ମଧୁ ଗଡ଼ତିଆ ସ୍ମୃତି କମିଟି ବୈଠକ

**ଯୁଯୁମୁରା, ୭।୨(ସମିସ):** ଯୁଯୁମୁରାସ୍ଥିତ ରାଜୀବ ଭବନ ଠାରେ ସହିଦ ମଧୁ ଗଡ଼ତିଆ ସ୍ମୃତି କମିଟିର ଏକ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ସଭାପତି କିରଣ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଆସନ୍ତା ୨୮ ତାରିଖରେ ହେବାକୁ ଥିବା ଯୁଯୁମୁରା ସ୍ଥିତ ଗ୍ରାମୀଣ ଉଦ୍ୟାନରେ ସହିଦ ମଧୁ ଗଡ଼ତିଆଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ପାଇଁ ଆଲୋଚନା ହୋଇଥିଲା। ଭାରତ ସରକାରଙ୍କ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହଯୋଗରେ ସହିଦ ମଧୁ ଗଡ଼ତିଆ ପ୍ରତିମୂର୍ତ୍ତି ଉନ୍ମୋଚନ ପାଇଁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି। ପ୍ରତିମୂର୍ତ୍ତି ଉନ୍ମୋଚନ ଦିନ ଗୋଣ୍ଡ ସମାଜର ଆରାଧ ଦେବତା ଶ୍ରୀ ଜଂଘା ବଡ଼ ଦେଓଙ୍କ ଗ୍ରାମ ପରିକ୍ରମା ତଥା ବିଶାଳ ଶୋଭାଯାତ୍ରାର ପ୍ରସ୍ତାବ ଦିଆଯାଇଥିଲା। ସଭାରେ ମଧୁ ଗଡ଼ତିଆ ସ୍ମୃତି କମିଟିର ସବୁ ସଦସ୍ୟଙ୍କ ସହ ଯୁଯୁମୁରା ବ୍ଲକ ଗୋଣ୍ଡ ସମାଜର ସଭାପତି ଅଶ୍ୱିନୀ ଭୋଇଙ୍କ ସମେତ ସହିଦ ମଧୁ ଗଡ଼ତିଆଙ୍କ ବଂଶଜ ପ୍ରଶାନ୍ତ କୁମାର ସିଂହ ଉପସ୍ଥିତ ରହିଥିଲେ। ଶେଷରେ ବରିଷ୍ଠ ଶିକ୍ଷାବିତ୍ ରାଜେନ୍ଦ୍ର କୁମାର ପଣ୍ଡା ଧନ୍ୟବାଦ୍ ଜଣାଇ କାର୍ଯ୍ୟକ୍ରମକୁ ଆଗାମୀ ଦିନରେ ସଫଳ କରିବା ପାଇଁ ଅନୁରୋଧ କରିଥିଲେ।

# ହଜିଥିବା ବ୍ୟାଗକୁ ଫେରାଇଲେ କନଷ୍ଟେବଲ

**ଝାରସୁଗୁଡ଼ା, ୭।୨(ସମିସ):** ସୁନ୍ଦରଗଡ଼ରୁ ଝାରସୁଗୁଡ଼ାକୁ ଏକ ବସରେ ଆସି ନିଜର ବ୍ୟାଗ ଛାଡ଼ି ପଳେଇଥିବା ଜଣେ ଯୁବତୀଙ୍କୁ ଖୋଜି ତାଙ୍କର



ବ୍ୟାଗଟିକୁ ହସ୍ତାନ୍ତର କରିଛନ୍ତି ଝାରସୁଗୁଡ଼ାରେ କାର୍ଯ୍ୟରତ ଜଣେ କନଷ୍ଟେବଲ। ଗତ ୨ ତାରିଖରେ ସୁନ୍ଦରଗଡ଼ରୁ ଝାରସୁଗୁଡ଼ା ଏକ ବସରେ ସୁନ୍ଦରଗଡ଼ର ସଙ୍ଗୀତା ବିଲୁଙ୍ଗ ରାଞ୍ଚି ଯିବା ପାଇଁ ବସରେ ଆସିଥିଲେ। ପରେ ଭୁଲବଶତଃ ତାଙ୍କ ବ୍ୟାଗଟିକୁ ଛାଡ଼ିଦେଇ ଚାଲି ଯାଇଥିଲେ। ଜଣେ ଯାତ୍ରୀ ଏହି ବ୍ୟାଗଟିକୁ ଟ୍ରାଫିକ କନଷ୍ଟେବଲ ପ୍ରମୋଦ ନନ୍ଦଙ୍କୁ ଦେଇଥିଲେ। ପରେ ଟ୍ରାଫିକ କନଷ୍ଟେବଲ ପ୍ରମୋଦ ନନ୍ଦ ଏହି ବ୍ୟାଗରେ ଲାଗିଥିବା ଟ୍ୟାଗ ଜରିଆରେ ସଙ୍ଗୀତାଙ୍କ ଫୋନ ନମ୍ବର ବାହାର କରି ତାଙ୍କ ସହ କଥା ହୋଇ ଜଣେ ସମ୍ପର୍କୀୟଙ୍କ ଜରିଆରେ ଏହି ବ୍ୟାଗ ହସ୍ତାନ୍ତର କରିଛନ୍ତି।

# ବିଜେପିର ଗାଁକୁ ଚାଲ ଅଭିଯାନ ନେଇ ବୈଠକ

**ସମ୍ବଲପୁର, ୭।୨(ସମିସ):** ସ୍ଥାନୀୟ ଓଡ଼ିଶା ସାଂସ୍କୃତିକ ସମାଜ ଭବନଠାରେ ଜିଲ୍ଲା ବିଜେପି ପକ୍ଷରୁ ଗାଁକୁ ଚାଲ ଅଭିଯାନ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲା ବିଜେପି ସଭାପତି ଗିରୀଶ ପଟେଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ବିଜେପି ସାଧାରଣ ସମ୍ପାଦକ ସିମାଞ୍ଚଳ ଖଟେଇ, ଜିଲ୍ଲା ସାଧାରଣ ସମ୍ପାଦକ ଅନିଲ ବେହେରା, ପୂର୍ବତନ ବିଧାୟକ ରବିନାରାୟଣ ନାଏକ ପ୍ରମୁଖ ମଞ୍ଚାସିନ ଥିଲେ। ବିଜେପି ପକ୍ଷରୁ ଜିଲ୍ଲାରେ ଗାଁକୁ ଚାଲ ଅଭିଯାନ ଆୟୋଜନ ହେବ ସେନେଇ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା। ଏହାସହ ବିଜେପିର ସବୁ ମଣ୍ଡଳରୁ ଆସିଥିବା ଦଳୀୟ ସଭ୍ୟସଭ୍ୟାଙ୍କୁ ଏନେଇ ସୂଚନା ଦିଆଯାଇଥିଲା।




**ଆନ୍ତଃ ଜିଲ୍ଲା ସ୍କୁଲ ଟୁର୍ଣ୍ଣାମେଣ୍ଟ**

# ବୁଢ଼ାପାଳ ହାଇସ୍କୁଲ ବିଜୟୀ

**ଦେବଗଡ଼, ୭।୨(ସମିସ)**

ଦେବଗଡ଼ ଜିଲ୍ଲା କ୍ରିକେଟ ସଂଘ ପକ୍ଷରୁ ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡିୟମରେ ଅନୁଷ୍ଠିତ ଆନ୍ତଃ ଜିଲ୍ଲା ସ୍କୁଲ ଟୁର୍ଣ୍ଣାମେଣ୍ଟର ଆଜିକାର ମ୍ୟାଚରେ ଦେବଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରକୁ ୯ ଉଇକେଟରେ ପରାସ୍ତ କରି ବୁଢ଼ାପାଳ ହାଇସ୍କୁଲ ବିଜୟୀ ହୋଇଛି। ୩୦ ଓଭର ବିଶିଷ୍ଟ ମ୍ୟାଚରେ ସରସ୍ୱତୀ ଶିଶୁ ମନ୍ଦିର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୯.୧ ଓଭରରେ ସମସ୍ତ ଉଇକେଟ ହରାଇ ୫୫ ରନ୍ କରିଥିଲା। ଜବାବରେ ବୁଢ଼ାପାଳ ଦଳ ୮.୫ ଓଭରରେ ୧ ଉଇକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଅମ୍ପାୟାର ଭାବେ ନବୀନ ରାଉଳ ଓ ରାଜା ରାଣା ସ୍କୋର ଥିଲେ। ସୌମ୍ୟ ରଞ୍ଜନ ନାୟକ, ରିତିକ ଦେହୁରୀ ଏବଂ ବେଣୁଧର ଗଡ଼ନାୟକ ଧାରବିବରଣୀ ଦେଇଥିଲେ। ଗୁରୁବାର ରିଆମାଳ ହାଇସ୍କୁଲ ଓ ତିଳେଇବଣୀ ଆଦର୍ଶ ବିଦ୍ୟାଳୟ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।



